# ଅସନ୍ତୁଷ୍ଟଙ୍କୁ ମନାଇବା ଉଦ୍ୟମ ଜାରି

- ବାରିପଦାରେ ବିଜେଡିର ରୁଦ୍ଧଦ୍ୱାର ବୈଠକ
- ରଣନୀତି ପ୍ରସ୍ତୁତି ନେଇ ଆଲୋଚନା
- ବିବାଦ ଭୁଲି ଏକାଠି କାମ କରିବାକୁ ଗୁରୁତ୍ୱ



ରୁଦ୍ଧଦ୍ୱାର ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

**ବାରିପଦା ଅଫିସ,୧୦।୪**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ ଶେଷହେବା ପରେ ମୟୂରଭଞ୍ଜ ଜିଲା ବାରିପଦା ବିଜେଡି ପକ୍ଷରୁ ଗୋଷ୍ଠୀ ବିବାଦ ତୁଟାଇବା ଉଦ୍ୟମ ଆରମ୍ଭ ହୋଇଛି। ବାରିପଦା ବିଧାନସଭା ଆସନ ଲାଗି ଏଥର ଦଳ ବିଧାୟକ ତଥା ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କୁ ଟିକେଟ ନ ଦେଇ ଆଦିବାସୀ ନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମଙ୍କୁ ପ୍ରାର୍ଥୀ କରିଛି। ଏ ଭଳି ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ଦଳୀୟ କର୍ମୀଙ୍କୁ ମନାଇବା ଲାଗି ଗୁରୁବାର ଏକ ରୁଦ୍ଧଦ୍ୱାର ବୈଠକ ବସି ଆଲୋଚନା କରାଯାଇଥିବା ସୂଚନା ମିଳିଛି। ବୈଠକରେ ବିଧାନସଭା ଆସନ ଲାଗି କିଭଳି ରଣନୀତି ଗ୍ରହଣ କରାଯିବ ସେ ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ନାମାଙ୍କନ ପତ୍ର ଦାଖଲ ବୁଧବାରଠାରୁ ମଧ୍ୟ ସରୋଜିନୀ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି।

ବାରିପଦାରେ ସରୋଜିନୀଙ୍କୁ ପ୍ରାର୍ଥୀ କରି ଶାସକ ଦଳ ମହିଳା କାର୍ଡ ଖେଳିଥିବା ଚର୍ଚ୍ଚା ହେଉଥିବା ବେଳେ ସାନନ୍ଦଙ୍କ ସମର୍ଥକମାନେ ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ମଙ୍ଗଳବାର ସରୋଜିନୀଙ୍କ ନାମାଙ୍କନ ଶୋଭାଯାତ୍ରାରେ ସାନନ୍ଦ ଯୋଗ ଦେଇ ଦଳର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ଉଭୟ ସାନନ୍ଦ ଓ ସରୋଜିନୀଙ୍କ ସମର୍ଥକଙ୍କୁ ମିଶାଇବାକୁ ଚେଷ୍ଟା ଆରମ୍ଭ ହୋଇଛି। ବୁଧବାର ବାରିପଦାର ଏକ ନିର୍ଦ୍ଦିଷ୍ଟ ହୋଟେଲରେ ବିଜେଡି ପକ୍ଷରୁ ଏକ ରୁଦ୍ଧଦ୍ୱାର ବୈଠକ ବସିଥିଲା। ଦଳର ମୁନିସିପାଲିଟି ପର୍ଯ୍ୟବେକ୍ଷକ ମାନସ କୁମାର ମଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉଭୟ ଗୋଷ୍ଠୀର ସମର୍ଥକଙ୍କୁ ଏକାଠି ବସାଇ ବିଧାୟକ ପ୍ରାର୍ଥୀ ସରୋଜିନୀଙ୍କୁ ସମର୍ଥନ କରିବାକୁ କୁହାଯାଇଥିଲା। ବୈଠକରେ ଜିଲା ଯୁବ ବିଜେଡି ସଭାପତି ଜିତେନ୍ଦ୍ର କୁମାର ମହନ୍ତ, ଯୁବ ବିଜେଡିର ଉତ୍ତର ଓଡ଼ିଶା ଜୋନ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ କାଉନସିଲର ସରୋଜ ମହାପାତ୍ର, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲା ସଭାପତି ଦେବାଶିଷ ମହାନ୍ତିଙ୍କ ସମେତ ସମସ୍ତ ଆଗ ଧାଡିର ନେତୃବୃନ୍ଦ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ସାନନ୍ଦଙ୍କ ଟିକେଟ କଟିବା ଘଟଣା ନେଇ ତାଙ୍କ ସମର୍ଥକମାନେ ଦଳୀୟ ପର୍ଯ୍ୟବେକ୍ଷକଙ୍କୁ ବିରୋଧ କରାଯିବ ବୋଲି ସୋସିଆଲ ମିଡିଆରେ ପ୍ରଚାର କରିଥିଲେ। ଏହି ଘଟଣାକୁ ଦଳ ଗୁରୁତ୍ୱ ଦେଇ ଅସନ୍ତୁଷ୍ଟଙ୍କୁ ମନାଇ ନିର୍ବାଚନ ବୈତରଣୀ ପାର ହେବାକୁ ଲକ୍ଷ୍ୟ ରଖିଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ଅନନ୍ତ ଦାସ, ଶାନ୍ତନୁ ଦାସ, ଦେବାଶିଷ ପାତ୍ର, ଯୁବ ସଂଗଠନ ବିକ୍ରମ କେଶରୀ ଜେନା, ଯୁବ ବିଜେଡିର ଗଣମାଧ୍ୟମ ସଂଯୋଜକ କପିଲ ଖଣ୍ଡେଲୱାଲ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ନିର୍ବାଚନରେ ଦଳର ରଣନୀତି ପ୍ରସ୍ତୁତି ନେଇ ବୈଠକରେ ଆଲୋଚନା ହୋଇଥିବା କୁହାଯାଉଥିଲେ ମଧ୍ୟ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ।

# ବିଦ୍ୟାଳୟ ପରିସରରେ ବଜ୍ରପାତ: ଜଳିଗଲା ୨ ନଡ଼ିଆ ଗଛ

**କୁଆଁମରା ୧୦।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ସାଇଁକୁଳା ବାଳକ ପ୍ରାଥମିକ ବିଦ୍ୟାଳୟ ପରିସରରେ ବଜ୍ରପାତ ହେବାରୁ ଦୁଇଟି ନଡ଼ିଆ ଗଛ ଜଳି ଯାଇଛି। ମଙ୍ଗଳବାର ରାତି ୯ଟା ବେଳେ ଏହି ଝଡବର୍ଷା ହେବା ବେଳେ ବଜ୍ରପାତ ହୋଇଥିଲା। ଏଥିରେ ଅନ୍ୟ କିଛି କ୍ଷତି ଘଟି ନାହିଁ। ବିଦ୍ୟାଳୟ ଠାରୁ ମାତ୍ର ୧୦ ମିଟର ଦୂର ଛାତ୍ରାବାସରେ ରହୁଥିବା ଛୋଟ ପିଲାମାନେ ଭୟଭୀତ ହୋଇ ପଡିଥିଲେ। ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇଥିଲା। ଏହା ଆଖପାଖର କେତେକ ଘରେ ବ୍ୟବହୃତ ବିଦ୍ୟୁତ୍ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି।






# 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଅବହେଳାକୁ ସମାଲୋଚନା




'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମରେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା।

**ଉଦଳା, ୧୦।୪ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳାଠାରେ ବୁଧବାର ବିଜୁ ଯୁବ ବାହିନୀ ପକ୍ଷରୁ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଳା ବ୍ଲକ ଏବଂ ସ୍ଥାନୀୟ ଏନଏସିର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା ବିଜୁ ଯୁବ ବାହିନୀର ଶତାଧିକ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଧାୟକ ପ୍ରାର୍ଥୀ ଶ୍ରୀନାଥ ସୋରେନ୍, ଜିଲା ବିଜେଡି ସଭାପତି ଦେବାଶିଷ ମହାନ୍ତି, ଯୁବ ବିଜେଡି ସଭାପତି ଠୁମ୍ପୁ ମୁର୍ମୁ, ପର୍ଯ୍ୟବେକ୍ଷକ ଗିରିଜା ନନ୍ଦନ ସାହୁ, ନଗର ସଭାପତି ବନମାଳୀ ବେହେରା, ଅମିୟ କୁମାର ବଳ, କପ୍ତିପଦା ବ୍ଲକ ପର୍ଯ୍ୟବେକ୍ଷକ ବିମଳ କିଶୋର ଜେନା, ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ରେଳବାଇ ସମେତ ବିଭିନ୍ନ ବିକାଶ କ୍ଷେତ୍ରରେ ଓଡ଼ିଶା ରାଜ୍ୟପ୍ରତି ଅବହେଳା ପ୍ରଦର୍ଶନ କରୁଥିବା ବକ୍ତାମାନେ ଦର୍ଶାଇ ସମାଲୋଚନା କରିଥିଲେ। ଯୁବ ବାହିନୀର ସଭାପତି ବିଜନ ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଚଳିତ ନିର୍ବାଚନରେ ଏ ନେଇ ଭାଜପା ଓ କଂଗ୍ରେସକୁ ଉଚିତ ଜବାବ ଦିଆଯିବ ବୋଲି ସେମାନେ କହିଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଖୁଣ୍ଟା,୧୦।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟାସ୍ଥିତ କେମ୍ବ୍ରିଜ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ତଥା ବିଦ୍ୟାଳୟର ପ୍ରତିଷ୍ଠାତା ଅବସରପ୍ରାପ୍ତ ଅଧ୍ୟକ୍ଷ ଦିଲୀପ କୁମାର ଦୀକ୍ଷିତ ଅଧ୍ୟକ୍ଷତା କରିଥିଲେ। ସଭାରେ ଗୋପବନ୍ଧୁ ନଗର ବିଡିଓ ମନୋଜ କୁମାର ବେହେରା ମୁଖ୍ୟଅତିଥି, ଧାନଘେରା ଉଚ୍ଚବିଦ୍ୟାଳୟ ଶିକ୍ଷକ ଜୟନ୍ତ କୁମାର ଛାଟିଆ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ତ୍ରିପ୍ରଣା କର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ନମିତା ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ବକ୍ତବ୍ୟ ପ୍ରଦାନ କରି ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷୟିତ୍ରୀ ମିନତି ପରିଡା, ରାହିଲା ୱାର୍ସି, ଶୁଭସ୍ମିତା ପୃଷ୍ଟି, ଶିକ୍ଷକ ହରପ୍ରସାଦ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଶାସନ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ

**ବାରିପଦା ଅଫିସ,୧୦।୪**

ଚଳିତ ସାଧାରଣ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ଲାଗି ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରି ବିଭିନ୍ନ ଦିଗ ଉପର ନଜର ରଖି କାର୍ଯ୍ୟ କରୁଛି। ବୁଧବାର ବିଭିନ୍ନ ଜିଲାସ୍ତରୀୟ ଅଧିକାରୀଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ନିୟୋଜିତ କରାଯାଇ ସହରକୁ ପ୍ରବେଶ କରୁଥିବା ସମସ୍ତ ଗାଡି ମୋଟରକୁ ଯାଞ୍ଚ କରାଯାଇଥିଲା। ସମସ୍ତ ଚାରିଚକିଆ ଯାନ ବାହନ, ମୋଟର ସାଇକେଲ ସମେତ ଅନ୍ୟ ଯାନବାହନକୁ ଯାଞ୍ଚ କରାଯାଇଥିଲା। କୌଣସି ଗାଡିରୁ କିଛି ଆପତ୍ତିଜନକ ସାମଗ୍ରୀ ମିଳିଲେ ତାହାକୁ ଜବତ କରି ଅଧିକ ତଦନ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

# ମନ୍ଦିର ପ୍ରାଙ୍ଗଣରେ ଶୁଭ ମହୁରତ

**ଖୁଣ୍ଟା, ୧୦।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ଲକ୍ଷ୍ମଣସାହି ପଞ୍ଚାୟତର ତାଡ଼କେଶର ଶିବ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଆ ସିନେମା 'ତୁ ମୋ ଲଭ ଷ୍ଟୋରି(୨)'ର ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପ୍ରଯୋଜନା ସଂସ୍ଥା କୁହୁ ସିନେ ଫିଲ୍ମସ୍ ନିବେଦିତ ଉକ୍ତ ଚଳଚ୍ଚିତ୍ର ର ପ୍ରଯୋଜକ ଶୁଭେନ୍ଦୁ କୁମାର ସାହୁ, ନିର୍ଦ୍ଦେଶକ ତାପସ ସରଘରିଆଙ୍କ ସମେତ ସିନେ ତାରକା ସୱରାଜ ବାରିକ, ଭୂମିକା, ସିଦ୍ଧାନ୍ତ, ଅନୁ ଚୌଧୁରୀ ପ୍ରମୁଖ କଳାକାର ଉପସ୍ଥିତ ଥିଲେ। ଆସନ୍ତା ରଜ ବେଳକୁ ମୁକ୍ତିଲାଭ କରିବାକୁ ଥିବା ଏହି ଚଳଚ୍ଚିତ୍ର ଲାଗି ଓଡିଶା ସେମେତ ଆଣ୍ଡାମାନ ଆଦି ସ୍ଥାନରେ ସୁଟିଂ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ମିଳିଛି।

# ଟଙ୍ଗାବିଲାରେ ନାମଯଜ୍ଞ

**ଯଶୀପୁର, ୧୦।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଯଶୀପୁର ବ୍ଲକ ଅନ୍ତର୍ଗତ ପାଣ୍ଡ ପଞ୍ଚାୟତ ଟଙ୍ଗାବିଲାଠାରେ ୩ୟ ବାର୍ଷିକ ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଏହି ନାମଯଜ୍ଞରେ ସୁନାମୁହିଁ, କାଠ କରଞ୍ଜିଆ, ତାଟୋ, ଟାଇଁଶିରା, ବାଟ ଗୌଡ଼ଗାଁରୁ ଆସିଥିବା ସଙ୍କୀର୍ତ୍ତନ ଦଳ ଭାଗ ନେଇଥିଲେ। ନାମ ସଙ୍କୀର୍ତ୍ତନରେ ସମ୍ପୃକ୍ତ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା।




# ଜଣେ ଏମ୍‌ପି, ୮ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ

**ବାରିପଦା ଅଫିସ,୧୦।୪**

- ସରିଲା ଯାଞ୍ଚ, ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର
- ସରୋଜିନୀଙ୍କ ପ୍ରାର୍ଥିପତ୍ର ନାକଚ କରିବାକୁ ଦାବି କଲା ଭାଜପା

ମୟୂରଭଞ୍ଜ ଲୋକ ସଭା ଆସନ ସମେତ ଏହି କ୍ଷେତ୍ର ଅଧୀନ ୭ ବିଧାନସଭା ଆସନ ପାଇଁ ବୁଧବାର ନାମାଙ୍କନ ପତ୍ର ଯାଞ୍ଚ ଶେଷ ହୋଇଛି। ଏଥିରେ ଜଣେ ଏମପି ପ୍ରାର୍ଥୀ ଓ ୮ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି। ଆସନ୍ତା ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ତେବେ ପ୍ରାର୍ଥିପତ୍ର ଯାଞ୍ଚକୁ ନେଇ ଭାଜପା ଓ ବିଜେଡି ମଧ୍ୟରେ ଅଭିଯୋଗ ପ୍ରତି ଅଭିଯୋଗ ଆରମ୍ଭ ହୋଇଯାଇଛି।

ବାରିପଦା ବିଧାନସଭା ଆସନର ଭାଜପା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ ଉପଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ସାକ୍ଷାତ କରି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମଙ୍କ ପ୍ରାର୍ଥିପତ୍ର ନାକଚ କରିବାକୁ ଦାବି କରିଛନ୍ତି। ସରୋଜିନୀ ତାଙ୍କ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ସରକାରୀ କଳ ଏହାକୁ ସମର୍ଥନ କରି ବିଜେଡି ପ୍ରାର୍ଥୀଙ୍କୁ ଅନୁକମ୍ପା ଦେଖାଉଥିବା ସେ ଗଣମାଧ୍ୟମ ଆଗରେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ପରିଡାଙ୍କୁ ପଚାରିବାରୁ ସେ କହିଛନ୍ତି, ସରୋଜିନୀ ୩ଟି ସେଟ୍ ନାମାଙ୍କନ ଦାଖଲ କରିଥିଲେ। ସେଥିରୁ ଗୋଟିଏ ସେଟ୍ ନାକଚ ହୋଇଛି। ଅନ୍ୟ ଦୁଇଟି ସେଟ୍ ଠିକ ରହିଛି। ତେବେ ଭାଜପାର ଅଭିଯୋଗକୁ ନେଇ ଜିଲାର ରାଜନୈତିକ ବାତାବରଣ ସରଗରମ ହୋଇ ଉଠିଛି।

ଉଲ୍ଲେଖନୀୟ ଯେ, ମୟୂରଭଞ୍ଜ ଲୋକ ସଭା ଆସନ ଲାଗି ୧୦ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ବୟସ କମ୍ ଥିବା କାରଣରୁ ଆମ୍ବେଡ୍‌କର ନ୍ୟାଶନାଲ କଂଗ୍ରେସର ପ୍ରାର୍ଥୀ ହାଡିବନ୍ଧୁ ଟୁଡୁଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି। ସେହିପରି ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀର ୭ ଜଣ ନାମାଙ୍କନ ଦାଖଲ କରିଥିଲେ। ସେମାନଙ୍କ ନାମାଙ୍କନ ପତ୍ର କାଏମ ରହିଛି। ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ପାଇଁ ୧୨ ଜଣ ନାମାଙ୍କନ ଦାଖଲ କରିଥିବାବେଳେ ସତ୍ୟପାଠରେ ଭୁଲ ଥିବା ହେତୁ ପ୍ରାର୍ଥୀ ଯୋଦ୍ଧା ବେସ୍ରାଙ୍କର ପ୍ରାର୍ଥିପତ୍ର ନାକଚ ହୋଇଛି। ଏହି ଆସନରେ ଏବେ ୧୧ ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ମୋରଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ୧୩ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଠାରେ ସମସ୍ତଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଯଶୀପୁର ନିର୍ବାଚନ ମଣ୍ଡଳୀରେ ୧୦ ଜଣ ପ୍ରାର୍ଥୀ ନାମାଙ୍କନ କରିଥିବାବେଳେ ସମସ୍ତଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଉଦଳା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ କରିଥିବା ୭ ପ୍ରାର୍ଥୀଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ଶରତ ଚନ୍ଦ୍ର ସିଂ ଓ ଅସିନ୍ତାମଣି ସିଂଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ସାରସକଣା ନିର୍ବାଚନ ମଣ୍ଡଳୀରେ ୧୪ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ବିଏସପି ପ୍ରାର୍ଥୀ ହାଡିବନ୍ଧୁ ନାଏକ ଏବଂ ସ୍ୱାଧୀନ ପ୍ରାର୍ଥୀ ସବରମ ସିଂ, କୁଅଁର ମୁର୍ମୁ ଓ ସଗରମ ଟୁଡୁ ପ୍ରମୁଖ ୪ ଜଣଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ପାଇଁ ୧୦ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ଚନ୍ଦ୍ରମୋହନ ବାସ୍କେଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ବାଲେଶ୍ୱର ଲୋକ ସଭା ଅଧୀନ ବଡ଼ସାହି ନିର୍ବାଚନ ମଣ୍ଡଳୀରେ ନାମାଙ୍କନ ଦାଖଲ କରିଥିବା ୮ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି। କେନ୍ଦୁଝର ଲୋକ ସଭା କ୍ଷେତ୍ର ଅଧୀନ କରଞ୍ଜିଆ ବିଧାନସଭା ଆସନ ପାଇଁ ୧୧ ଜଣ ନାମାଙ୍କନ କରିଥିବା ବେଳେ ବହୁଜନ ମୁକ୍ତି ପାର୍ଟିର ପ୍ରାର୍ଥୀ ସଦନ ସିଂ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହି ଜିଲାରେ ଥିବା ମୟୂରଭଞ୍ଜ ଲୋକ ସଭା ଆସନ ସମେତ ୭ ବିଧାନସଭା ଓ ବାଲେଶ୍ୱର ଲୋକ ସଭା କ୍ଷେତ୍ର ଅଧୀନ ବଡସାହି ବିଧାନସଭା ଆସନ ପାଇଁ ଆସନ୍ତା ୨୯ ତାରିଖରେ ଭୋଟ ହେବ। କେବଳ କେନ୍ଦୁଝର ଲୋକ ସଭା କ୍ଷେତ୍ର ଅଧୀନ କରଞ୍ଜିଆ ବିଧାନସଭା ଆସନରେ ଆସନ୍ତା ୨୩ ତାରିଖରେ ମତଦାନ ଅନୁଷ୍ଠିତ ହେବ।



ବାରିପଦା ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଭାଜପା ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନ ଓ ଅନ୍ୟମାନେ ଅଭିଯୋଗ କରିବାକୁ ଆସିଛନ୍ତି।

## ୧୨ରେ କେନ୍ଦୁଝର ଆସୁଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା

**କେନ୍ଦୁଝର, ୧୦।୪(ଡି.ଏନ.ଏ.):** ଚଳିତ ନିର୍ବାଚନରେ ଭାଜପା ପକ୍ଷରୁ ଜିଲାରେ ନିଜ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ୧୨ରେ କେନ୍ଦୁଝର ଆସୁଥିବା ଜଣାଯାଇଛି। ଏ ବାବଦରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କଠାରୁ ଅନୁମତି ମିଳିଥିବା ଜଣାପଡିଛି। ଆସନ୍ତା ୧୨ ମଧ୍ୟାହ୍ନ ୧୨ଟା ୩୦ ମିନିଟରେ ଡିଡି କଲେଜ ନିକଟସ୍ଥ ସରକାରୀ ମେଡିକାଲ କଲେଜ ପଡିଆରେ ଏକ ସାଧାରଣ ସଭାରେ ଅମିତ ଶାହା ଯୋଗଦେଇ ଉଦ୍‌ବୋଧନ ଦେବେ ବୋଲି ସୂଚନା ମିଳିଛି।

## କଂଗ୍ରେସ ପ୍ରାର୍ଥୀଙ୍କ ପଥପ୍ରାନ୍ତ ସଭା



ପଥପ୍ରାନ୍ତ ସଭାରେ କଂଗ୍ରେସ କର୍ମୀ।

**କେନ୍ଦୁଝର, ୧୦।୪(ସ୍ୱ.ପ୍ର.)**

କେନ୍ଦୁଝର ଜିଲା କଂଗ୍ରେସ ସଦର ନିର୍ବାଚନମଣ୍ଡଳୀରେ ନିର୍ବାଚନ ପାଖେଇ ଆସୁଥିବାବେଳେ ପ୍ରାର୍ଥୀମାନଙ୍କ ପ୍ରଚାର ସରଗରମ ହେବାରେ ଲାଗିଛି। ଭାଜପା, କଂଗ୍ରେସ ଏବଂ ବିଜେଡି ମଧ୍ୟରେ କଡା ଟକ୍କର ହେବାର ଦେଖିବାକୁ ମିଳୁଛି। ବିଜେଡିରୁ ଟିକେଟ ନ ପାଇ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ ସ୍ୱାଧୀନ ଭାବେ ନିର୍ବାଚନ ଲଢୁଛନ୍ତି। ନିର୍ବାଚନକୁ ଆଉ ମାତ୍ର ୧୨ ଦିନ ବାକି ଥିବାବେଳେ କଂଗ୍ରେସ ପ୍ରାର୍ଥୀ ବିଦ୍ୟାଧର ଦେହୁରି ସହରର ବିଭିନ୍ନ ୱାର୍ଡ ବୁଲି ପଥପ୍ରାନ୍ତ ସଭା କରି ଭୋଟ ଭିକ୍ଷା କରୁଛନ୍ତି। ମଙ୍ଗଳବାର ଶତାଧିକ ସମର୍ଥକଙ୍କ ଗ୍ରହଣରେ ପଦଯାତ୍ରା କରି କେନ୍ଦୁଝରଗଡ ପୌରାଞ୍ଚଳର ଲକ୍ଷ୍ମିପାଦ, ସାମନ୍ତରାୟପୁର ଶାସନ, ଗୌରତୋଟାସାହି, ନ୍ୟୁ କଲୋନୀ, ମାଇନିଂ ରୋଡ୍, କଲେଜ ରୋଡ୍‌ରେ ବିଦ୍ୟାଧର ନିଜ ସପକ୍ଷରେ ଘର ବୁଲି ଭୋଟ ଭିକ୍ଷା କରି ବିଜୟୀ କରିବା ପାଇଁ ସାଧାରଣ ଜନତାଙ୍କୁ ନିବେଦନ କରିଥିଲେ। କଂଗ୍ରେସ ଇସ୍ତାହାର ନେଇ ଭୋଟରଙ୍କ ସଚେତନ କରି କଂଗ୍ରେସ କ୍ଷମତାକୁ ଆସିଲେ ବେରୋଜଗାରି, କୃଷି ଓ କୃଷକଙ୍କର ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଦେହୁରି ଭୋଟରମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## କଟିଲା ୮ ପ୍ରାର୍ଥୀଙ୍କ ନାମାଙ୍କନ, ୪୭ କାଏମ

**ଭଦ୍ରକ ଅଫିସ, ୧୦।୪**

ସାଧାରଣ ନିର୍ବାଚନ ପାଇଁ ବୁଧବାର ନାମାଙ୍କନପତ୍ର ଯାଞ୍ଚ ପରେ ମୋଟ ୫୫ ପ୍ରାର୍ଥୀଙ୍କ ମଧ୍ୟରୁ ୮ ଜଣଙ୍କର ପ୍ରାର୍ଥିପତ୍ର ନାକଚ ହୋଇଛି। ୪୭ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଭଦ୍ରକ ଲୋକ ସଭା କ୍ଷେତ୍ରରେ ୮, ବାସୁଦେବପୁର ବିଧାନସଭା ଆସନରେ ୬, ଭଦ୍ରକରେ ୮, ଭଣ୍ଡାରିପୋଖରୀରେ ୧୦, ଚାନ୍ଦବାଲିରେ ୭ ଏବଂ ଧାମନଗରରେ ୮ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ସୂଚନା ମିଳିଛି। ଭଦ୍ରକ ଲୋକ ସଭା ଆସନ ଲାଗି ଦାଖଲ ହୋଇଥିବା ୧୦ ପ୍ରାର୍ଥିପତ୍ର ମଧ୍ୟରୁ ୨ଟି କଟିଛି। ସ୍ୱାଧୀନ ପ୍ରାର୍ଥୀ ସୁଶାନ୍ତ ଜେନା ଓ ଆମ୍ବେଡକର ନ୍ୟାଶନାଲ ପାର୍ଟିର ଗୋପାଳ ରାମଙ୍କ ନାମାଙ୍କନପତ୍ର ନାକଚ ହୋଇଯାଇଛି। ସେହିପରି ଚାନ୍ଦବାଲି ବିଧାନସଭା ଆସନ ପାଇଁ ଦାଖଲ ହୋଇଥିବା ୮ ପ୍ରାର୍ଥିପତ୍ର ମଧ୍ୟରୁ ସୂର୍ଯ୍ୟନାରାୟଣ ମହାନ୍ତିଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ବାସୁଦେବପୁର ନିର୍ବାଚନ ମଣ୍ଡଳୀ ପାଇଁ ଦାଖଲ ୮ ପ୍ରାର୍ଥିପତ୍ର ମଧ୍ୟରୁ ୨ଜଣଙ୍କର ନାକଚ ହୋଇଛି। ସେମାନେ ହେଲେ ଆମ୍ବେଡକର ନ୍ୟାସନାଲ ପାର୍ଟିର ସେକ୍ ମହମ୍ମଦ ଜମିର ଓ ସ୍ୱାଧୀନ ପ୍ରାର୍ଥୀ ଗଣପତି ବେହେରା। ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ଦାଖଲ ୧୦ ପ୍ରାର୍ଥିପତ୍ର ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୟ କୁମାର ନାୟକ ଏବଂ କୃଷ୍ଣଚନ୍ଦ୍ର ଖଟୁଆ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ୧୧ ପ୍ରାର୍ଥିପତ୍ରରୁ ବହୁଜନ ସମାଜ ପାର୍ଟିର ସନ୍ତୋଷ କେରେଇଙ୍କ ନାମାଙ୍କନପତ୍ର ନାକଚ ହୋଇଛି। ଧାମନଗର ନିର୍ବାଚନ ମଣ୍ଡଳୀର କୌଣସି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ ହୋଇ ନ ଥିବା ସୂଚନା ମିଳିଛି।

## ଭାଜପା ଜିଲା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ବହୁ ବିଜେଡି ଓ କଂଗ୍ରେସ କର୍ମୀ ସାମିଲ

**ବାଲେଶ୍ୱର ଅଫିସ,୧୦।୪**

ବାଲେଶ୍ୱର ସ୍ଥାନୀୟ ଭାଜପା ଜିଲା କାର୍ଯ୍ୟାଳୟଠାରେ ସଦର ଭାଜପା ବିଧାୟକ ପ୍ରାର୍ଥୀ ତଥା ଜିଲା ସଭାପତି ମଦନ ମୋହନ ଦତ୍ତଙ୍କ ନେତୃତ୍ୱରେ ବୁଧବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ଏବଂ କଂଗ୍ରେସ ଦଳର ଶତାଧିକ କର୍ମୀ ବିଧିବଦ୍ଧ ଭାବେ ଭାଜପାରେ ଯୋଗଦାନ କରିଛନ୍ତି।

ବିଜେଡିର ଅତ୍ୟାଚାରରେ ଅତିଷ୍ଠ ହୋଇ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଜନହିତକାରୀ ଯୋଜନା ଓ ଆର୍ଦଶକୁ ସ୍ୱୀକାର କରି ତଥା ସ୍ଥାନୀୟ ନେତା ଜିଲା ସଭାପତି ମଦନ ମୋହନଙ୍କ କାର୍ଯ୍ୟଦକ୍ଷତା ଓ ନେତୃତ୍ୱ ଉପରେ ଭରସା ରଖି ସନ୍ଦିପ୍ତ ଦାସ, ଖଗେଶ୍ୱର ବେହେରା, ନାରାୟଣ ନନ୍ଦୀ, ସୁରେନ୍ଦ୍ର ବେହେରା, ବିଜୟ କୁମାର କାନୁନ୍‌ଗୋ, ଗଣେଶ କୁମାର ପ୍ରଧାନ, ହେମନ୍ତ ବେହେରା, ଉମାମଣି ଦେ ପ୍ରମୁଖ ବହୁ ସଂଖ୍ୟାରେ ଭାଜପାରେ ଯୋଗଦାନ କରିଛନ୍ତି। ସମସ୍ତଙ୍କ ଯୋଗଦାନ ଦଳକୁ ଆଗାମୀ ନିର୍ବାଚନରେ ଶକ୍ତିଶାଳୀ କରିବା ସହିତ ମିଶନ ୧୨୦+ କୁ ସଶକ୍ତ କରିବ ବୋଲି ସଦର ଭାଜପା ବିଧାୟକ ପ୍ରାର୍ଥୀ ମଦନ ମୋହନ ମତ ରଖିଛନ୍ତି। ଗଙ୍ଗାଧର ରାଉତ, ଚିତ୍ତରଞ୍ଜନ ପଣ୍ଡା, ଗୌରାଙ୍ଗ ଦାସ, ମହୁଆ ପ୍ରଧାନ, ମନୋଜ ପୋଦ୍ଦାର, ବଳରାମ ପାତ୍ର, ଅରୁପ ଜେନା ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଭାଜପାରେ ସାମିଲ ଅନ୍ୟଦଳର କର୍ମୀ।

## ବିଜେଡିରେ ସାମିଲ ହେଲେ ଅନ୍ୟ ଦଳର ଶତାଧିକ କର୍ମୀ

**ଭଦ୍ରକ ଅଫିସ, ୧୦।୪**

ବିଜେଡିର ଜିଲା କାର୍ଯ୍ୟାଳୟରେ ବୁଧବାର ସନ୍ଧ୍ୟାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ଛାତ୍ର ବିଜେଡି ସଭାପତି ତଥାଗତ ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ଜିଲା ଉପସଭାପତି ପ୍ରୟାସକାନ୍ତି ସାମଲ ଓ ମଳୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ମିଶ୍ରଣପର୍ବରେ ଭଦ୍ରକ ପୌରପାଳିକାର ପୂର୍ବତନ କାଉନସିଲର ତଥା କଂଗ୍ରେସର ଟାଣୁଆ ନେତା ଅଶୋକ ମହାପାତ୍ର, ନାରୀନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର, ୧୬ ନମ୍ବର ୱାର୍ଡ କାଉନସିଲର ସୁସ୍ମିତା ପାଲ, ଶେଖ୍ ଲୋକମାନ୍, ବିଶେଶ୍ୱର ପଟ୍ଟନାୟକ, ଆଲୋକ ମହାପାତ୍ର, ରୋକସାନା ବିବି, କିସ୍ମତୁନ ବିବି, ଅକ୍ତରୀ ବିବି, ଲାଲି ବିବି, ହସିନା ବିବି ସମେତ ବିଭିନ୍ନ ଦଳର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଅନ୍ୟ ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଥିବା କହିଥିଲେ। ବିଧାୟକ ପ୍ରାର୍ଥୀ ସଞ୍ଜୀବ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।



ମିଶ୍ରଣ ପର୍ବରେ ବିଜେଡି କର୍ମୀ।

## ଯଶୀପୁର ବିଧାନସଭା ଆସନରେ ୧୦ ପ୍ରାର୍ଥୀ

**ଯଶୀପୁର, ୧୦।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଯଶୀପୁର ବିଧାନସଭା ଆସନରେ ମୋଟ ୧୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବୁଧବାର ସରିଛି ଯାଞ୍ଚ ପ୍ରକ୍ରିୟା। ୧୨ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ। ବର୍ତ୍ତମାନ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ଗୋଲକ ନାୟକ, ଭାଜପାରୁ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, କଂଗ୍ରେସରୁ ମହେନ୍ଦ୍ର ନାଥ ନାୟକ, ଏସୟୁସିଆଇ( କମ୍ୟୁନିଷ୍ଟ) ରୁ ଶମ୍ଭୁନାଥ ନାଏକ , ରାଷ୍ଟ୍ରୀୟ ସ୍ୱାଧୀନ ମୋର୍ଚ୍ଚାରୁ ନଳିନୀ ହେମ୍ବ୍ରମ୍, ତୃଣମୂଳ କଂଗ୍ରେସରୁ ଅକ୍ଷୟ ନାଏକ, ଆମ୍ବେଡକର ବିଚାର ମଞ୍ଚରୁ ଜଗନ୍ନାଥ ନାଏକ, ବହୁଜନ ମୁକ୍ତି ପାର୍ଟିରୁ ସୁନାରାମ ମୁର୍ମୁ ପ୍ରାର୍ଥୀ ହୋଇଥିବାବେଳେ ମାନଗୋବିନ୍ଦ ନାଏକ ଏବଂ ବିଜୟ ନାଏକ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି।

## ‘କୋଟିପତିଙ୍କ ଟଙ୍କାରେ ବିକ୍ରି ହୋଇଯାଇଛି ଭାଜପା’ ଟିକେଟ କଟିବା ପରେ ମାନସଙ୍କ ପ୍ରତିକ୍ରିୟା

**ଭୋଗରାଇ, ୧୦।୪(ଡି.ଏନ.ଏ.)**

ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ଭାଜପା ଭୋଗରାଇ ଆସନର ପ୍ରାର୍ଥୀ ପରିବର୍ତ୍ତନ କରିଛି। ପୂର୍ବରୁ ପ୍ରାର୍ଥୀ ହୋଇଥିବା ମାନସ ରଞ୍ଜନଙ୍କ ସ୍ଥାନରେ ଅଂଶୁମାନ ମହାନ୍ତି ଟିକେଟ ପାଇ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଭାଜପା ପକ୍ଷରୁ ଏଭଳି ପ୍ରାର୍ଥୀ ପରିବର୍ତ୍ତନକୁ ଦଳର ନେତା ଓ କର୍ମୀ ସହଜରେ ଗ୍ରହଣ କରି ନ ପାରି ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଦଳରୁ ପ୍ରଥମେ ଟିକେଟ ପାଇ ନିରାଶ ହୋଇଥିବା ମାନସ ରଞ୍ଜନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହି ଘଟଣା ମୋ ପାଇଁ ପଛରୁ ଛୁରିକାଘାତ ସଦୃଶ ହୋଇଛି। ନୀତି ଆଦର୍ଶର ନାରା ଦେଉଥିବା ଭାଜପା କୋଟିପତିଙ୍କ ଟଙ୍କା ଆଗରେ ବିକ୍ରି ହୋଇଯାଉଛି। ଅର୍ଥ ଲାଳସାରେ ଦଳୀୟ ଟିକେଟ ବଣ୍ଟନ କରାଯାଇ ଦଳର ଶୃଙ୍ଖଳିତ କର୍ମୀ ଓ ନେତାଙ୍କ ପ୍ରତି ବିଶ୍ୱାସଘାତକତା କରାଯାଇଛି ବୋଲି ସେ କହିଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ମାନସ ରଞ୍ଜନ ମହାନ୍ତିଙ୍କ ସମର୍ଥକମାନେ ତାଙ୍କ ବାସଗୃହକୁ ଯାଇ ପ୍ରାର୍ଥୀ ବଦଳ ଘଟଣାକୁ ନିନ୍ଦା କରି ନୂତନ ପ୍ରାର୍ଥୀଙ୍କୁ ସମସ୍ତ ଶକ୍ତି ଲଗାଇ ବିରୋଧ କରାଯିବ ବୋଲି ଘୋଷଣା କରିଥିଲେ। ଜିଲା କୃଷକ ମୋର୍ଚ୍ଚାର ସମ୍ପାଦକ ସତ୍ୟବ୍ରତ ଜେନା, ଯୁବମୋର୍ଚ୍ଚା ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, ସଞ୍ଜୟ ରାୟ, ଶକ୍ତିକେନ୍ଦ୍ରର ମୁଖ୍ୟ ପ୍ରବୀର ପଟ୍ଟାୟତ, ଚିରଞ୍ଜୀବ ସାମଲ, ପାଣିଷଣ୍ଢା ସଭାପତି ଗଣେଶ ଗିରି ପ୍ରମୁଖ ଦଳର ବହୁ ବରିଷ୍ଠ ଓ କନିଷ୍ଠ ନେତା ଓ କର୍ମୀ ଏହି ଘଟଣାକୁ ମଧ୍ୟ ସମାଲୋଚନା କରିଛନ୍ତି।

## ରାଇରଙ୍ଗପୁର, ସରସକଣା ଆସନରେ ୫ ପ୍ରାର୍ଥିପତ୍ର ନାକଚ

**ରାଇରଙ୍ଗପୁର, ୧୦।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଧର୍ମାନ୍ଦ ବେହେରାଙ୍କ ତତ୍ତ୍ୱାବଧାନରେ ବୁଧବାର ରାଇରଙ୍ଗପୁର ଓ ସାରସକଣା ନିବାଚନ ମଣ୍ଡଳୀ ସକାଶେ ଦାଖଲ ହୋଇଥିବା ନାମାଙ୍କନପତ୍ର ଯାଞ୍ଚ କରାଯାଇଥିଲା। ରାଇରଙ୍ଗପୁର ଆସନରେ ୧୦ ପ୍ରାର୍ଥୀଙ୍କ ମଧ୍ୟରୁ ବହୁଜନ ସମାଜ ପାର୍ଟି ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିଲା। ସେହିପରି ସାରସକଣା ଆସନ ଲାଗି ଦାଖଲ ହୋଇଥିବା ୧୪ ପ୍ରାର୍ଥୀପତ୍ର ମଧ୍ୟରୁ ୪ ସ୍ୱାଧୀନ ପ୍ରାର୍ଥୀଙ୍କର ନାମାଙ୍କନପତ୍ର ନାକଚ ହୋଇଥିବା ଜଣାପଡିଛି।

## ଲୋକ ସଭା ଆସନରେ ୧୩, ବିଧାନସଭା ପାଇଁ ୭୩ ନାମାଙ୍କନ କାଏମ

**ବାଲେଶ୍ୱର ଅଫିସ,୧୦।୪:** ନିର୍ବାଚନ ପାଇଁ ବାଲେଶ୍ୱର ଲୋକସଭା ଆସନରେ ବୁଧବାର ଯାଞ୍ଚ ପରେ ସମସ୍ତଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଜିଲାର ମୋଟ୍ ୮ ବିଧାନସଭାକ୍ଷେତ୍ର ପାଇଁ ୭୩ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ୧୧, ଭୋଗରାଇରେ ୮, ବସ୍ତାରେ ୧୨, ସଦରରେ ୧୨, ରେମୁଣାରେ ୯, ନୀଳଗିରିରେ ୧୦, ସୋରରେ ୬, ସିମୁଳିଆ ନିର୍ବାଚନମଣ୍ଡଳୀରେ ୫ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ ବୋଲି ବାଲେଶ୍ୱର ଜିଲା ନିର୍ବାଚନଅଧିକାରୀ ତଥା ଜିଲାପାଳ ରମେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ବାଲେଶ୍ୱର ୬ନଂ ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ରାମନାଥ ବାରିକ ସ୍ୱାଧୀନ ପ୍ରାର୍ଥୀ, ସରୋଜ କୁମାର ପଣ୍ଡା ସ୍ୱାଧୀନ, ରବୀନ୍ଦ୍ର କୁମାର ଜେନ ବିଜେଡି, ନବଜ୍ୟୋତି ପଟ୍ଟନାୟକ କଂଗ୍ରେସ, ରମାକାନ୍ତ ପଣ୍ଡା ପୂର୍ବାଞ୍ଚଳ ଜନତା ପାର୍ଟି (ସିକ୍ୟୁଲାର), ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଭାଜପା, ଜଗନ୍ନାଥ ସେଠୀ ସ୍ୱାଧୀନ, ଜଗନ୍ନାଥ ଦାସ ସ୍ୱାଧୀନ, ହାଜି ସେକ୍ ଅବଦୁଲ ଇସ୍ତାର ତୃଣମୂଳ କଂଗ୍ରେସ, ବସନ୍ତ ଲତା ପଟ୍ଟନାୟକ ସ୍ୱାଧୀନ, ମହମ୍ମଦ ଅଲି ଆମ୍ବେଦର ନ୍ୟାଶନାଲ କଂଗ୍ରେସ, ସୁବାସ ପ୍ରଗତିଶୀଳ ସମାଜବାଦୀ ପାର୍ଟି, ରବୀନ୍ଦ୍ର ନାଥ ଜେନା ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଜଳେଶ୍ୱର ବିଧାନସଭା କ୍ଷେତ୍ର ପାଇଁ କାର୍ତ୍ତିକ ଚନ୍ଦ୍ର ଘୋଷ ସ୍ୱାଧୀନ, ଜୟନାରାୟଣ ମହାନ୍ତି ଭାଜପା, ଅଶ୍ୱିନୀ ପାତ୍ର ବିଜେଡି, ପ୍ରଦୀପ କୁମାର ସିଂହ ପ୍ରୋଟେକ୍ ବ୍ଲକ ଇଣ୍ଡିଆ, ସୁଦର୍ଶନ ଦାସ କଂଗ୍ରେସ, ଶାନ୍ତନୁ କୁମାର ଦାସ ସମତାକ୍ରାନ୍ତି ଦଳ, ଦୀପକ କୁମାର କାପୁଡ଼ି ତୃଣମୂଳ କଂଗ୍ରେସ, ଧ୍ରୁବ ଚରଣ ନାୟକ ସ୍ୱାଧୀନ, ମଧୁସୂଦନ ଦାସ ସ୍ୱାଧୀନ, ରମାକାନ୍ତ ଜେନା ଆମ୍ବେଦର ନ୍ୟାଶନାଲ କଂଗ୍ରେସ, ପ୍ରଭୁରାମ ଜେନା ବହୁଜନ ସମାଜ ପାର୍ଟି ପକ୍ଷରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

**୯ ଆସନ ପାଇଁ ୮୬ ପ୍ରାର୍ଥୀ**

## ଉଦଳାରେ ୨ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ନାକଚ, ୫ କାଏମ

**ଉଦଳା, ୧୦।୪ (ଡି.ଏନ.ଏ.):** ତଫସିଲ ଭୁକ୍ତ ଉପଜାତି ଲାଗି ସଂରକ୍ଷିତ ଥିବା ମୟୂରଭଞ୍ଜ ଜିଲା ଉଦଳା ବିଧାନସଭା ଆସନରୁ ନିର୍ବାଚନ ଲଢିବା ଲାଗି ଏଥର ୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏମାନଙ୍କ ମଧ୍ୟରେ ୪ଜଣ ସ୍ୱାଧୀନ ପ୍ରାର୍ଥୀ ରହିଥିଲେ। ୧୦ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ବେଳେ ଦୁଇ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ଅନ୍ୟ ୫ ଜଣଙ୍କର ପ୍ରାର୍ଥିପତ୍ର କାଏମ ରହିଛି। ନାମାଙ୍କନ ପତ୍ର କାଏମ ଥିବା ଅନ୍ୟ ପ୍ରାର୍ଥୀମାନେ ହେଲେ ବିଜେଡିର ଶ୍ରୀନାଥ ସୋରେନ୍, ଭାଜପାର ଭାସ୍କର ମଢେଇ, କଂଗ୍ରେସର୍ ବେଣୁଧର ମହାପାତ୍ର, ସ୍ୱାଧୀନ ପ୍ରାର୍ଥୀ ମାୟା ଟୁଡୁ ଏବଂ ତୁଳସୀ ମାରାଣ୍ଡି। ଆସନ୍ତା ୧୨ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିନ ହୋଇଥିବାରୁ ସେ ଦିନ ନିର୍ବାଚନ ମଇଦାନରେ ଲଢେଇ ସ୍ପଷ୍ଟ ହେବ ବୋଲି କୁହାଯାଉଛି। ବୁଧବାର ଉଦଳା ଉପଜିଲାପାଳଙ୍କ ସ୍ୱତନ୍ତ୍ର ନିର୍ବାଚନ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ଅଧିକାରୀ ତଥା ଉଦଳା ଉପଜିଲାପାଳ ଭଗବାନ ବେହେରା, ସହକାର ଜିଲାପାଳ ଗୌରହରି ମହାନ୍ତଙ୍କ ସମେତ ନିର୍ବାଚନ ଦାୟିତ୍ୱ ତୁଲାଉଥିବା ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ବାଟରେ କୋଳାକୋଳି: ମଇଦାନରେ ପ୍ରତିଦ୍ୱନ୍ଦ୍ୱୀ

**କେନ୍ଦୁଝର, ୧୦।୪(ଡି.ଏନ.ଏ.)**

ଚଳିତ ନିର୍ବାଚନରେ ପ୍ରଚାର ସମୟରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ପରସ୍ପରକୁ ଭେଟିବା ଓ କୋଳାକୋଳି ହେବା ଦୃଶ୍ୟ ଭୋଟରଙ୍କ ମଧ୍ୟରେ ବେଶ କୌତୁହଳ ସୃଷ୍ଟି କରୁଛି। ଏଭଳି ଏକ ଦୃଶ୍ୟ ଭାଜପା ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ମୋହନ ହେମ୍ବ୍ରମ ଭୋଟରମାନଙ୍କୁ ଭେଟିବା ବେଳେ ପରସ୍ପରକୁ ଦେଖି କୋଳାକୋଳି ହେବା ଘଟଣା ଦୃଶ୍ୟକୁ ଉପସ୍ଥିତ ଜନସାଧାରଣ ବେଶ ଉପଭୋଗ କରିଥିଲେ।



ଭାଜପାର ଅନନ୍ତ ନାୟକ ଓ କଂଗ୍ରେସର ମୋହନ ହେମ୍ବ୍ରମ ପରସ୍ପରକୁ କରମର୍ଦ୍ଦନ କରୁଛନ୍ତି।

## କଂଗ୍ରେସର ମିଶ୍ରଣ ପର୍ବ

**ବସ୍ତା, ୧୦।୪,(ସ୍ୱ.ପ୍ର.):** ବସ୍ତା ବ୍ଲକ ଅନ୍ତର୍ଗତ ଦରଡାଠାରେ କଂଗ୍ରେସ ପକ୍ଷରୁ ଏକ ମିଶ୍ରଣ ପର୍ବ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କଂଗ୍ରେସର ଯୁବ ନେତା ସେକ୍ ଜାହିରୁଦ୍ଦିନ ଓ ସେକ୍ ସିଦ୍ଦିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବସ୍ତା କଂଗ୍ରେସର ବିଧାୟକ ପ୍ରାର୍ଥୀ ବିଜନ କୁମାର ନାୟକ, କଂଗ୍ରେସ ଜିଲା ଉପସଭାପତି ସତ୍ୟନାରାୟଣ ଗୁପ୍ତା, ୧୪ ନଂ ଜୋନ ସଭାପତି ପ୍ରଭାସ ମଣ୍ଡଳ,ବରିଷ୍ଠ ନେତା ମନୋଜ କୁମାର ମହାନ୍ତି, ସମିତି ସଭ୍ୟ ରବୀନ୍ଦ୍ର ଦାସ, ଦରଡା ସରପଞ୍ଚ ରଘୁନାଥ ମୁର୍ମୁଙ୍କ ସମେତ ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଦରଡା ଓ ଦାଣ୍ଡି ବସ୍ତିର ୩୩ଟି ପରିବାରର ୨୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଅନ୍ୟଦଳରୁ ଆସି କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହିତ ଆସନ୍ତା ନିର୍ବାଚନରେ ଏଠି ବିଜେଡି ଗଡ଼କୁ ଭାଙ୍ଗି କଂଗ୍ରେସକୁ ବିଜୟ ଧାରାକୁ ଆଣିବା ପାଇଁ ସମସ୍ତେ ସଂକଳ୍ପବଦ୍ଧ ହୋଇଥିଲେ।

## ସଂକ୍ଷେପରେ

### କ୍ଷତିଗ୍ରସ୍ତ ଜମାକାରୀଙ୍କ ଗଣସତ୍ୟାଗ୍ରହ



ଖଇରା,୧୦।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ତହସିଲ ସମ୍ମୁଖରେ ଆର୍ଥିକ ସଂସ୍ଥା ମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ତରଫରୁ ଶାନ୍ତିପୂର୍ଣ୍ଣ ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ଗଣସତ୍ୟାଗ୍ରହ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏଥିରେ ଆବାହକ ଉମେଶ ଚନ୍ଦ୍ର ନାୟକ, ଜିଲା ଯୁଗ୍ମ ଆବାହକ ବିନୟ ଶଙ୍ଖୁଆ, ମନୋଜ ପଣ୍ଡା, ଗଜେନ୍ଦ୍ର ପୃଷ୍ଟି, ବିଶ୍ୱନାଥ ଜେନା, ଶାନ୍ତିଲତା ପରିଡା, ପରିକ୍ଷିତ ବାରିକ, ଜଳଧର ଜେନା ପ୍ରମୁଖ ଯୋଗ ଦେଇ ଜମାକରୀଙ୍କୁ ଅଣଦେଖା କରିବା ପ୍ରତିବାଦରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଉଭୟ କ୍ଷୁଦ୍ର ଓ ବୃହତ ଜମାକାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଚିହ୍ନଟ କରି ଯାଞ୍ଚ କାର୍ଯ୍ୟ କରିବା, ସମସ୍ତଙ୍କ ଜମାରାଶି ଫେରସ୍ତ, ତ୍ରୁଟିଯୁକ୍ତ ଆଇନକୁ ସଂଶୋଧନ, ସଠିକ ଯାଞ୍ଚ ସତ୍ତ୍ୱେ କମ୍ ଅର୍ଥ ପାଇଥିବା ଜମାକାରୀଙ୍କ କ୍ଷେତ୍ରରେ ଅବିଳମ୍ବେ ସଂଶୋଧନ କରିବାକୁ ବକ୍ତାମାନେ ଦାବି କରିଥିଲେ। ନଚେତ୍ ସେମାନେ ଆଗାମୀ ନିର୍ବାଚନରେ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଚେତାବନୀ ଦେଇଥିଲେ। ପରେ ଏକ ଟିମ ଅତିରିକ୍ତ ତହସିଲଦାର ବିଭାସ ପାଣିଗ୍ରାହୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ରାମନବମୀ ପାଇଁ ପ୍ରସ୍ତୁତି ଶୋଭାଯାତ୍ରା ହେବ ମୁଖ୍ୟ ଆକର୍ଷଣ

ବାଲେଶ୍ୱର ଅଫିସ,୧୦।୪: ବାଲେଶ୍ୱର ରାମ ଚେତନା ଜାଗରଣ ସଂଘ ପକ୍ଷରୁ ବୁଧବାର ଅପରାହ୍ନ ୪ଟା ସମୟରେ ସ୍ଥାନୀୟ ପରମିଟ୍ ପଡ଼ିଆରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚଳିତବର୍ଷ ମର୍ଯ୍ୟାଦାପୁରୁଷ ପ୍ରଭୁ ରାମଚନ୍ଦ୍ରଙ୍କର ଜନ୍ମୋତ୍ସବକୁ ସହରରେ ଧୁମ୍‌ଧାମ୍‌ରେ ପାଳନ କରାଯିବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୮ଟାଠାରୁ ସ୍ଥାନୀୟ ପରମିଟ୍ ପଡ଼ିଆରୁ ଶ୍ରୀରାମଙ୍କ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ। ଏହି ଶୋଭାଯାତ୍ରାରେ ରାମଦରବାର ଝାଙ୍କି ସହ ହନୁମାନ ଓ ଶିବଙ୍କ ମୂର୍ତ୍ତି, କୀର୍ତ୍ତନ, ଶଙ୍ଖୁଆ, ଧୁମ୍‌ସା ବାଜା, ଢେଙ୍କାନାଳି ଶିଙ୍ଗି ବାଜା ଦଳଙ୍କ ସମେତ ବିଭିନ୍ନ ସ୍ଥାନରୁ ଅନ୍ୟୂନ ୧୦ରୁ ଅଧିକ ପାରମ୍ପରିକ ବାଦ୍ୟଯନ୍ତ୍ର ଦଳ ଶୋଭାଯାତ୍ରାରେ ସାମିଲ ହେବେ। ଆସନ୍ତା ୧୨ ତାରିଖ ପୂର୍ବାହ୍ନରେ ୧୦୮ ହନୁମାନ ଚାଳିଶା ପାଠ ଏବଂ ମଧ୍ୟାହ୍ନ ୧ଟା ସମୟରେ ୫ହଜାରରୁ ଊର୍ଦ୍ଧ୍ୱ ବିଶିଷ୍ଟ ଏକ ବିରାଟ ମୋଟରସାଇକେଲ ରାଲି ଅନୁଷ୍ଠାନ ତରଫରୁ ବାହାରି ସହର ତଥା ତଳିଅଞ୍ଚଳରେ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱରବାସୀଙ୍କ ସହଯୋଗ ଅନୁଷ୍ଠାନ ତରଫରୁ କାମନା କରାଯାଇଛି।

### ପାଲା ମାଧ୍ୟମରେ ଭୋଟରଙ୍କୁ ସଚେତନତା



ଖଇରା,୧୦।୪(ଡି.ଏନ.ଏ.): ବାଲେଶ୍ୱର ଜିଲ୍ଲାପାଳଙ୍କ ତରଫରୁ ଖଇରା ବ୍ଲକରେ ଶତପ୍ରତିଶତ ମତଦାନ ପ୍ରଦାନ ନିମିତ୍ତ ପାଲା ପରିବେଷଣ କାର୍ଯ୍ୟକ୍ରମ ବୁଧବାର ଠାରୁ ଆରମ୍ଭ ହୋଇଛି। ପ୍ରଥମେ ଖଇରା ବଜାରରେ ଥିବା ଦୁର୍ଗା ମଣ୍ଡପ ଓ ପରେ ପତରାଜପୁର ମେଳନ ପଡିଆରେ ପରିବେଷଣ କରାଯାଇଥିଲା। ସାଧାରଣ ମତଦାତାଙ୍କୁ ମତଦାନପାଇଁ ସଚେତନା କରିବା, ମୁକ୍ତ ଓ ଅବାଧ ମତଦାନ କରି ଗଣତନ୍ତ୍ରକୁ ସୁଦୃଢ କରିବା ଉପରେ ପାଲା ପର୍ଯ୍ୟବେଶିତ ହୋଇଥିଲା। ଏଥିରେ ଗାଇଡ ଅଫିସର ଭାବେ ଶିକ୍ଷକ ଭରତ ଚନ୍ଦ୍ର ସାହୁ, ବିଡିଓ ମହେଶ କୁମାର ଚୌଧୁରୀ, ଜିପିଓ ମାୟାଧର ମଲ୍ଲିକ ଉପସ୍ଥିତ ରହି ଭୋଟରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ଟର ଅଫିସର ଭାବେ ତ୍ରିଦିବ ସୁନ୍ଦର ବରାଳ, କୈଳାସ ଚନ୍ଦ୍ର ସେଣ୍ଠ, ନିର୍ମଳକାନ୍ତ ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ଚନ୍ଦନେଶ୍ୱରଜୀଉଙ୍କ ବରଣମାଳାରେ ଝଲସିଲେ କାମିନୀ

- କୌଳିକ ବିବାହ ଦର୍ଶନ କଲେ ଶ୍ରଦ୍ଧାଳୁ
- ଠାକୁରାଣୀ ଓ ଠାକୁରଙ୍କୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଗଲା
- ହରିବୋଲ ଧ୍ୱନିରେ ପ୍ରକମ୍ପିତ ହେଲା ରାସ୍ତାଘାଟ

ପ୍ରଦୀପ ଦାସ
ଭୋଗରାଇ, ୧୦।୪

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳାର ବୁଧବାର ଥିଲା ଚାରି ଅର୍ଘ୍ୟ। ଦେବାଧିଦେବ ଚନ୍ଦନେଶ୍ୱର ଜୀଉଙ୍କ ଚାରି ଅର୍ଘ୍ୟରେ ଥିଲା ପ୍ରସିଦ୍ଧ କାମିନୀ ବିବାହ। କାମିନୀ ଠାକୁରାଣୀଙ୍କ ସହ ଚନ୍ଦନେଶ୍ୱର ମହାଦେବଙ୍କ କୌଳିକ ବିବାହ ଦର୍ଶନ ଲାଗି ଚନ୍ଦନେଶ୍ୱର ପୀଠ ଭକ୍ତମୟ ହୋଇଥିଲା। ବୁଧବାର ପ୍ରତ୍ୟୁଷରୁ ଭଟ୍ଟପୁର ଗ୍ରାମର ମାଳାକାର ଘରେ ଜନ୍ମିତ କାମିନୀ ଠାକୁରାଣୀ ମନ୍ଦିରକୁ ଚନ୍ଦନେଶ୍ୱରଜୀଉଙ୍କ ଚଳନ୍ତି ଘଟକୁ ଅସଂଖ୍ୟ ଭକ୍ତ, ସେବାୟତ ଓ ପଣ୍ଡାମାନେ ନେଇଥିଲେ। ସେଠାରେ ଓଡ଼ିଆ ରୀତିନୀତି ଅନୁଯାୟୀ ଚନ୍ଦନେଶ୍ୱର ଜୀଉ ଓ କାମିନୀ ଠାକୁରାଣୀ ଘଟକୁ ଏକ ସଙ୍ଗେ ରଖି ପ୍ରଥାନୁଯାୟୀ ସେବାୟତ ଓ ପଣ୍ଡାମାନେ ପୂଜାର୍ଚ୍ଚନା କରିଥିଲେ। ପରେ କାମିନୀ ଠାକୁରାଣୀଙ୍କ ଘଟ ସହିତ ଚନ୍ଦନେଶ୍ୱରଜୀଉଙ୍କ ଘଟ ସୁସଜ୍ଜିତ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇଥିଲା। ଚାପ, ଢୋଲ, ମହୁରୀ, ସାହାନାଇ, ବାଦ୍ୟ, ଶଙ୍ଖ ଓ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ରାସ୍ତାଘାଟ। ବାଣ, ରୋଶଣୀ, ରଙ୍ଗବୋଲାର ଚମକ ଅସଂଖ୍ୟ ଭକ୍ତଙ୍କୁ ବିମୋହିତ କରିଥିଲା। ଭଟ୍ଟପୁର ଗ୍ରାମରୁ ଚନ୍ଦନେଶ୍ୱର ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଚନ୍ଦନେଶ୍ୱରଜୀଉ ଏବଂ କାମିନୀ ଠାକୁରାଣୀଙ୍କୁ ବିରଳ ଦର୍ଶନ ନିମନ୍ତେ ଭକ୍ତଙ୍କ ଭିଡ଼ ଲାଗିଥିଲା। ଚନ୍ଦନେଶ୍ୱରଜୀଉ ଏବଂ କାମିନୀ ଠାକୁରାଣୀଙ୍କୁ ଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟଭକ୍ତ, ଦେଉଳିଆ, ଶ୍ରୀବେକିଡ଼ି, ସେବାୟତ, ପଣ୍ଡା, ପ୍ରଶାସନ ଓ ଶୈବଭକ୍ତ ପାଲିଙ୍କିରେ ବସାଇ ମନ୍ଦିରକୁ ନେଇଥିଲେ। ପୂର୍ବାହ୍ନ ୧୧ଟାରେ ଏହି ଶୋଭାଯାତ୍ରା ମନ୍ଦିର ଚାରିପାଖରେ ବୁଲି ଗର୍ଭଗୃହକୁ ନିଆଯାଇ ଜୀଉଙ୍କ ରୁଦ୍ଧଦ୍ୱାର ମଧ୍ୟରେ ବିବାହ ସମ୍ପନ୍ନ ହୋଇଥିଲା। ଚନ୍ଦନେଶ୍ୱରଜୀଉଙ୍କ ବରଣମାଳାରେ କାମିନୀ ଠାକୁରାଣୀ ଝଲସିଥିଲେ। କାମିନୀ ବିବାହ ଦେଖିବା ପାଇଁ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ପ୍ରଭୃତି ରାଜ୍ୟରୁ ଲକ୍ଷାଧିକ ଶୈବଭକ୍ତଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଚନ୍ଦନେଶ୍ୱର ଜୀଉ ଓ କାମିନୀ ଠାକୁରାଣୀଙ୍କ ମନ୍ଦିର ବିଜେରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଚନ୍ଦନେଶ୍ୱର ମହାଦେବଙ୍କ କାମିନୀ ବିବାହ ନେଇ ଏକ ରୋଚକ କିମ୍ବଦନ୍ତୀ ରହିଛି। ଚୈତ୍ର ମାସରେ ହିନ୍ଦୁଙ୍କ ବିବାହ ହେଉ ନ ଥିବାବେଳେ ଭଗବାନ ଶିବଙ୍କ ବିବାହ ଏକ ବୈଚିତ୍ର୍ୟମୟ ଆଧ୍ୟାତ୍ମିକ ଆକର୍ଷଣ ସୃଷ୍ଟି କରିଥାଏ। ଭୋଳାନାଥଙ୍କୁ ପତି ରୂପେ ଗ୍ରହଣ ପାଇଁ ଅସୁର କୁଳରେ ଜନ୍ମିତ ସୁନ୍ଦରୀ ଅସୁରୁଣୀ କାମିନୀ କଠୋର ତପସ୍ୟା କରିଥିଲେ। ତପସ୍ୟାରେ ମୁଗ୍ଧ ହୋଇ ଶଙ୍କର କାମିନୀଙ୍କୁ ପତି ରୂପେ ଗ୍ରହଣ ପାଇଁ ବରଦାନ କରିଥିଲେ। ପରେ ଶଙ୍କର ଦୁର୍ଗା ଓ କାଳୀଙ୍କ ବିନା ସେ କିପରି କାମିନୀଙ୍କୁ ବିବାହ କରିବେ ବୋଲି ବୁଝିଲେ। ତେଣୁ କାମିନୀଙ୍କୁ ଚୈତ୍ରମାସରେ ମର୍ତ୍ତ୍ୟପୁରୀରେ ମାଳାକାର ଘରେ ଜନ୍ମିଲେ ତାଙ୍କୁ ବିବାହ କରିବେ ବୋଲି ବରଦାନ କରିଥିଲେ। ଅନ୍ୟପକ୍ଷେ ମଣିଷର ୧୬ ପ୍ରକାର କାମିନୀଙ୍କୁ ଜୀଉଙ୍କଠାରେ ସମର୍ପଣ ନିମନ୍ତେ କାମନା ବିବାହ ହୁଏ ବୋଲି ପ୍ରବାଦ ରହିଛି। ଏଭଳି ରୋଚକ କିମ୍ବଦନ୍ତୀକୁ ନେଇ ଚନ୍ଦନେଶ୍ୱର ଜୀଉଙ୍କ କାମିନୀ ବିବାହ ହୋଇଆସୁଛି।

ପଶ୍ଚିମବଙ୍ଗ ଭଗବାନପୁରର ବିଷ୍ଣୁପଦ ପଟ୍ଟନାୟକ(୩୬), ନାରାଣଗଡ଼ ଥାନାର କାଳୀପଦ ଦାସ(୫୪) ଚନ୍ଦନେଶ୍ୱରଜୀଉଙ୍କଠାରେ ସାତ ବର୍ଷ ଧରି ଉପବୀତ ଧାରଣ କରିଛନ୍ତି। ଜୀଉଙ୍କ ଅପାର କରୁଣାରୁ ସେ ଏଠାକୁ ଆସୁଛନ୍ତି ବୋଲି କହିଥିଲେ। ମାଧାଖାଲି ଅଞ୍ଚଳର ଗୌରୀ ଜେନା(୩୭) ତାଙ୍କ ପରିବାର ସହ ଚନ୍ଦନେଶ୍ୱର ମନ୍ଦିରରେ ୧୬ ବର୍ଷ ଧରି ଉପବୀତ ଧାରଣ କରିଆସୁଛନ୍ତି। ତାଙ୍କ ଶ୍ୱଶୁର ଓ ଶାଶୁ ତାଙ୍କ ପୁଅଙ୍କ ପାଇଁ ମୋତେ ବିବାହ କରିବାକୁ ବାବାଙ୍କଠାରେ ମାନସିକ କରିଥିଲେ। ତାଙ୍କର ବିବାହ ସେଠାରେ ହେବାରୁ ସେ ପ୍ରତିବର୍ଷ ଏଠାକୁ ଆସୁଥିବା କହିଥିଲେ। ସେହିପରି ଏହି ଅଞ୍ଚଳର ଅନିମା ସାହୁ କହିଥିଲେ, ପୁତ୍ର ସନ୍ତାନ ପାଇଁ ସେ ବାବାଙ୍କ ପାଖରେ ମାନସିକ କରିଥିଲେ। ମନସ୍କାମନା ପୂର୍ଣ୍ଣ ହେବାରୁ ଏଠାକୁ ଆସିଛନ୍ତି ବୋଲି ସେ କହିଥିଲେ।

## ନବ ନିର୍ବାଚିତଙ୍କୁ ସମ୍ବର୍ଦ୍ଧିତ କଲା ଓକିଲ ସଂଘ

ଜଳେଶ୍ୱର,୧୦।୪(ଡି.ଏନ.ଏ.)

ବୁଧବାର ଦିବା ୧୧ ଟାରେ ଜଳେଶ୍ୱର ଓକିଲ ସଂଘ ସମ୍ମିଳନୀ କକ୍ଷରେ ସଂଘର ନବ ନିର୍ବାଚିତ ପଦାଧିକାରୀଙ୍କୁ ସଂଘର କର୍ମକର୍ତ୍ତା ଓ ସଭ୍ୟ ମାନେ ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଜେଏମ୍‌ଏଫ୍‌ସି ସୁମିତ୍ରା ସାହୁ,କନିଷ୍ଠ ଦେୱାନୀ ବିଚାରପତି ପରିତୋଷ ସେଠୀ,ସଂଘର ନିର୍ବାଚନ ଅଧିକାରୀ ଓକିଲ ଇସାକ ବେଗ୍ ଯୋଗ ଦେଇଥିବା ସ୍ଥଳେ ଓକିଲ ଚିନ୍ମୟ କୁମାର ଦାସ ସଭାପତିତ୍ୱ କରି ସଭା ପରିଚାଳନା କରିଥିଲେ। ଉକ୍ତ ସଭାରେ ନବ ନିର୍ବାଚିତ ସଭାପତି କୁଞ୍ଜବିହାରୀ ଦାସ, ଉପସଭାପତି ମଳୟ କୁମାର ମହାନ୍ତି, ସମ୍ପାଦକ ଦେବକାନ୍ତ କାସ୍ତ, ସହସମ୍ପାଦକ ସୁଶାନ୍ତ ଦାସ, କୋଷାଧ୍ୟକ୍ଷ ବିନୋଦ କୁମାର ଗିରି ଓ ୯ ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ନବ ନିର୍ବାଚିତ ପଦାଧିକାରୀ ମାନେ ଶପଥ ପାଠ କରି ନିଜ ନିଜ ଦାୟିତ୍ୱ ଗ୍ରହଣ କରିଥିଲେ।





ବାଲିଆପାଳ ବ୍ଲକ କମିଟି ଗଠନରେ ଉପସ୍ଥିତ ବ୍ରାହ୍ମଣମାନେ

## ଜିଲା ବ୍ରାହ୍ମଣ ସମିତିର ବାଲିଆପାଳ ବ୍ଲକ କମିଟି ଗଠିତ

ବାଲିଆପାଳ,୧୦।୪(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବ୍ରାହ୍ମଣ ସମିତି ଆହ୍ୱାନରେ ବାଲିଆପାଳ ବ୍ଲକର ଉଗରା ଗ୍ରାମପଞ୍ଚାୟତ ଅଧୀନ ଜାମତ୍‌କୁଲା ଗ୍ରାମର ଶିବମନ୍ଦିର ପ୍ରାଙ୍ଗଣରେ ଶଙ୍କର୍ଷଣ ପାଣିଗ୍ରାହୀଙ୍କ ଆବାହକତ୍ୱରେ ପଣ୍ଡିତ ଶ୍ୟାମସୁନ୍ଦର ପଣ୍ଡାଙ୍କ ସଭାପତିତ୍ୱରେ ଏକ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଶତାଧିକ ବ୍ରାହ୍ମଣ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବେଦପାଠ କରାଯାଇ ଜଗନ୍ନାଥଙ୍କ ବିଗ୍ରହରେ ପୁଷ୍ପାର୍ଘ୍ୟ ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସାଙ୍ଗଠନିକ ସଭାରେ ଜିଲା ସମିତି ତରଫରୁ ଅତିଥିଭାବେ ପଣ୍ଡିତ କ୍ଷିତୀଶ ଚନ୍ଦ୍ର ପଣ୍ଡା ଯୋଗଦାନ କରି ବ୍ରାହ୍ମଣ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା କରି ପଞ୍ଚାୟତ ସ୍ତରରୁ ସଂଘକୁ ମଜଭୁତ କରି ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଉପସ୍ଥିତ ଥିବା ବ୍ରାହ୍ମଣମାନେ ସଂଗଠନ ସମ୍ବନ୍ଧରେ ଅବଗତ ହେଲାପରେ ବାଲିଆପାଳ ବ୍ଲକ୍ କମିଟି ଗଠିତ ହୋଇଛି। ଉକ୍ତ ସଂଗଠନକୁ ପରିଚାଳନା କରିବା ପାଇଁ ଏକ ଆଡ଼ହକ କମିଟି ଗଠନ କରାଯାଇଛି। ସଭାପତି ଭାବେ ଶଙ୍କର୍ଷଣ ପାଣିଗ୍ରାହୀ, ଉପସଭାପତି ଭାବେ ଦିବ୍ୟରଞ୍ଜନ ପଣ୍ଡା, ସମ୍ପାଦକ ଯଦୁନାଥ ପଣ୍ଡା, କୋଷାଧ୍ୟକ୍ଷ ଭାବେ ସୀତାନାଥ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ପରବର୍ତ୍ତୀ ସମୟରେ ବ୍ଲକ୍‌ର ସମସ୍ତ ପଞ୍ଚାୟତର ବ୍ରାହ୍ମଣମାନଙ୍କୁ ଯୋଗାଯୋଗ କରାଯାଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି। ନବଗଠିତ ବାଲିଆପାଳ ବ୍ଲକ୍ କମିଟି ଜିଲା ବ୍ରାହ୍ମଣ ସମିତି ସହ ସହବନ୍ଧିତ କରାଯାଇ ଜିଲା କମିଟିର ସମ୍ବିଧାନ ଅନୁଯାୟୀ ପରିଚାଳନା କରାଯିବାକୁ ସିଦ୍ଧାନ୍ତ କରାଯାଇଛି। ବୈଠକରେ ଷଡ଼ାନନ ପାଢ଼ୀ, ସୁମନ୍ତ ପାଢ଼ୀ, ଜନ୍ମେଜୟ ପୁଝାରୀ, ସୁଧାକର ପାଣି, ମନ୍ମଥ କୁମାର ପାଣି, ଜନ୍ମେଜୟ ପାଣିଗ୍ରାହୀ, ରାମଚନ୍ଦ୍ର ପାଢ଼ୀ, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶଙ୍କର୍ଷଣ ପାଣିଗ୍ରାହୀ ଶାନ୍ତିମନ୍ତ୍ର ପାଠ କରିବା ପରେ ସଭାପତିଙ୍କ ଦ୍ୱାରା ସଭାକାର୍ଯ୍ୟ ସାଙ୍ଗ କରାଯାଇଥିଲା।

## ମାଙ୍କଡ଼ ଉପଦ୍ରବ: ୨ଗୁରୁତର

ସଜନାଗଡ,୧୦।୪(ଡି.ଏନ.ଏ.)

୪ ଦିନ ଭିତରେ ନୀଳଗିରିର ବିଭିନ୍ନ ଅଞ୍ଚଳରେ ମାଙ୍କଡ ଆକ୍ରମଣରେ ୨ଜଣ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି। କଳା ହନୁମାଙ୍କଡଙ୍କ ଦୌରାତ୍ମ୍ୟ ବଢି ବଢି ଚାଲିଥିବାବେଳେ ନୀଳଗିରି ସ୍ୱର୍ଣ୍ଣଚୂଡ ସଂରକ୍ଷିତ ଜଙ୍ଗଲରୁ ଗତକାଲି ଏକ ହନୁମାଙ୍କଡ ଖସିଯାଇ ରାଧାକିଶୋରପୁର ଅଞ୍ଚଳରେ ପଶିଥିଲା। ମାଙ୍କଡଟି ଗାଁରେ ଆତଙ୍କ ଖେଳାଇବା ପରେ ଲୋକଙ୍କୁ ଦେଖି କାମୁଡିବାକୁ ଗୋଡାଇଥିଲା। ମାଙ୍କଡଟି ଗୋବର ସିଂଙ୍କର ୩ବର୍ଷର ପୁଅ ଅମିତଙ୍କୁ କାମୁଡି ରକ୍ତାକ୍ତ କରିପକାଇଥିଲା। ସେ ଏବେ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ପୁଣି ଆଜି ସକାଳୁ ମାଙ୍କଡଟି ଏ ଡାଳରୁ ସେ ଡାଳ, ଏ ଛପରରୁ ସେ ଛପରକୁ ଡିଆମାରି ଗର୍ଜନ କରୁଥିଲା। ମାଙ୍କଡଟିର ଏଭଳି ରୂପ ଦେଖି ଗ୍ରାମବାସୀ ମାନେ ଭୟଭୀତ ହୋଇପଡିଥିଲେ। ସେହି ରାସ୍ତାଦେଇ ସୁକୁରୁ ସିଂ(୫୨) ନାମକ ଏକ ବିଧବା ମହିଳା ଯାଉଥିବାବେଳେ ତାଙ୍କର ଗୋଡ, ହାତ, ଜଙ୍ଘକୁ କାମୁଡି ଚାଲିଥିଲା। ତାଙ୍କୁ ଗୁରୁତରଭାବେ ୧୦୮ ଆମ୍ବୁଲାନ୍ସରେ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାପରେ ନୀଳଗିରି ବନବିଭାଗ ଅଧୀନ ମିତ୍ରପୁର ବିଟ ହାଉସର କର୍ମଚାରୀ ମାନେ ରାଧାକିଶୋରପୁର ଗ୍ରାମକୁ ଯାଇଥିଲେ। ଏନେଇ ନୀଳଗିରି ରେଞ୍ଜର ସୁକୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ମାଙ୍କଡଟିକୁ କାବୁ କରିବା ପାଇଁ ଶିମିଳିପାଳର ଟ୍ରାଙ୍କୁଲାଇଜର ଟିମକୁ ଅବଗତ କରାଯାଇଥିବା କହିଛନ୍ତି।

## ଦାବି ପୂରଣ ନ ହେଲେ ରେଳରୋକୋ

### ଉଠାଦୋକାନୀଙ୍କ ଚେତାବନୀ

ବାଲେଶ୍ୱର ଅଫିସ,୧୦।୪

ଦକ୍ଷିଣ-ପୂର୍ବ ରେଳ ବିଭାଗ ଅଧୀନ ବାଲେଶ୍ୱର ଷ୍ଟେଶନ ସମ୍ମୁଖରେ ପ୍ରାୟ ଦୀର୍ଘ ୪୦ ବର୍ଷ ଧରି ୩୩ ଜଣ ବ୍ୟବସାୟୀ ଉଠାଦୋକାନ କରି ପରିବାର ଚଳାଉଥିଲେ। ଖଡ଼ଗପୁର ଏଡିଆରଏମ୍‌ଙ୍କ ଚକ୍ରାନ୍ତରେ ସେମାନଙ୍କୁ ଉଠାଇ ଦେବା ପାଇଁ ଯୋଜନା କରାଯାଇଥିବାର ବୁଧବାର ଏକ ଖବରଦାତା ସମ୍ମିଳନୀରେ ଉଠା ବ୍ୟବସାୟୀମାନଙ୍କ ସହିତ ସିଆଇଟିୟୁ ରାଜ୍ୟ ନେତା ରାଧାରମଣ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

ଗତ ୨୦୦୮ ମସିହାରେ ଏମାନଙ୍କୁ ଅସ୍ଥାୟୀ ଭାବେ ଉଚ୍ଛେଦ କରି ପୁନଃସ୍ଥାପନ ରେଳ କର୍ତ୍ତୃପକ୍ଷ କରିଥିଲେ। ସ୍ଥାନୀୟ ଆରପିଏଫ୍ ଏହି ବ୍ୟବସାୟୀଙ୍କ ଠାରୁ ଜବରଦଖଲ କେସ୍ ବାବଦରେ ୨୦୧୦ ଠାରୁ ଅର୍ଥ ନେଇଆସୁଥିଲେ। କିନ୍ତୁ ଗତ ୨୦୧୯ ମାର୍ଚ୍ଚ ୭ ତାରିଖରେ ଖଡ଼ଗପୁର ଡିଭିଜନ୍‌ର ଏଡିଆରଏମ୍‌ଙ୍କ ବାଲେଶ୍ୱର ଗସ୍ତ ଆଳରେ ଏହି ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରି ଆଉ ବସିବାକୁ ଦେଉ ନାହାନ୍ତି। ଗତ ୨୦୦୮ ଜାନୁୟାରୀ ୨ ତାରିଖରେ ରେଲୱେ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ ବାସୁଦେବ ଆଚାର୍ଯ୍ୟ ଅସ୍ଥାୟୀ ଦୋକାନୀଙ୍କୁ ଥଇଥାନ ପାଇଁ ସେହି ସ୍ଥାନକୁ ଲିଜ୍ ଆକାରରେ ଦେବାକୁ ସୁପାରିସ କରିଥିଲେ। ତାହା କାର୍ଯ୍ୟକାରୀ ହେଲା ନାହିଁ। ଷ୍ଟେଶନ ପରିସର ମଧ୍ୟରେ ଘରୋଇ ସାଇକେଲ୍ ଷ୍ଟାଣ୍ଡ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ମକଦ୍ଦମା ଆଳ ଦେଖାଇ ବେଆଇନ ଭାବେ ଅଧିକ ରେଳସମ୍ପତ୍ତି କର୍ତ୍ତୃପକ୍ଷ ପ୍ରଦାନ କରିଛନ୍ତି। ଏହାର ପ୍ରତିବାଦ ସତ୍ତ୍ୱେ ରେଳ କର୍ତ୍ତୃପକ୍ଷ ଶୁଣୁନାହାନ୍ତି। ଅନ୍ୟପକ୍ଷରେ ଗରିବ, କ୍ଷୁଦ୍ର ଉଠା ବ୍ୟବସାୟୀଙ୍କ ପେଟପାଟଣା ଉପରେ କଠୋର କୁଠାରାଘାତ ଅତ୍ୟନ୍ତ ନିନ୍ଦନୀୟ ବୋଲି ବୁଧବାର ପୂର୍ବାହ୍ନରେ ପରିବହନ ଶ୍ରମିକ ସଂଘ କାର୍ଯ୍ୟାଳୟରେ ସମ୍ପୃକ୍ତ କ୍ଷତିଗ୍ରସ୍ତ ବ୍ୟବସାୟୀ ଓ ଶ୍ରମିକନେତାମାନେ ଆରୋପ କରିଛନ୍ତି। ଗତ ମାର୍ଚ୍ଚ ୨୫ ତାରିଖରେ ରେଳରୋକୋ ପାଇଁ ଏହି ବ୍ୟବସାୟୀମାନେ ଆହ୍ୱାନ ଦେଇଥିଲେ। କିନ୍ତୁ ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଖଡ଼ଗପୁର ଏଡିଆରଏମ୍ ଗତ ୯ ତାରିଖ ଦିନ ଏକ ମିଳିତ ଆଲୋଚନା କରିବାକୁ ଜଣାଇଥିଲେ। କିନ୍ତୁ ୮ ତାରିଖ ଦିନ ଚଳିତ ନିର୍ବାଚନକୁ ଆଳ ଦେଖାଇ ରେଳ କର୍ତ୍ତୃପକ୍ଷ ମିଳିତ ଆଲୋଚନାକୁ ବାତିଲ୍ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରେଳ କର୍ତ୍ତୃପକ୍ଷଙ୍କ ଗରିବ ମାରଣନୀତି ବିରୋଧରେ ଏହି ଉଠା ବ୍ୟବସାୟୀମାନଙ୍କ ସହିତ ଶ୍ରମିକ ସଂଗଠନମାନେ ଆନ୍ଦୋଳନକୁ ଓହ୍ଲାଇବେ। ଟିୟୁଏସିସି ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଶ୍ରମିକନେତା ଶାନ୍ତନୁ ଦାସ, ନିକୁଞ୍ଜ ବସନ୍ତ ରାୟଙ୍କ ସମେତ କ୍ଷତିଗ୍ରସ୍ତମାନଙ୍କ ତରଫରୁ ବାସନ୍ତୀ ବର୍ଦ୍ଧନ, ଜୟନ୍ତୀ ସାମଲ, ବାସନ୍ତୀ ସାହୁ ଓ ପାର୍ବତୀ ସାହୁ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଆସନ୍ତା ୨୯ ତାରିଖ ନିର୍ବାଚନ ପ୍ରକ୍ରିୟା ଶେଷ ହେବାର ଏକ ସପ୍ତାହ ମଧ୍ୟରେ ବାଲେଶ୍ୱରରେ ରେଳରୋକୋ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାର ଘୋଷଣା କରିଛନ୍ତି।





ଖବରଦାତା ସମ୍ମିଳନୀରେ କ୍ଷତିଗ୍ରସ୍ତ ବ୍ୟବସାୟୀ ଓ ଶ୍ରମିକନେତା।

## କୁପାରୀ ଜୋନରେ ବିଜେଡି ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

ଖଇରା,୧୦।୪(ଡି.ଏନ.ଏ.)

ସିମୁଳିଆ ନିର୍ବାଚନ ମଣ୍ଡଳୀରେ ପ୍ରଚାରରେ ବିଜେଡି ଅନ୍ୟମାନଙ୍କୁ ପଛରେ ପକାଇ ଦେଇଛି। ବିଧାୟକ ତଥା ବିଜେଡିର ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବୁଧବାର ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତ ମାରାଥନ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ସେ ୩ନଂ କୁପାରୀ ଜୋନର କୁପାରୀ, ହରିପୁର, ଗଡପୋଖରୀ, କଇଥଗଡ଼ିଆ, ବାଉଁଶଗଡିଆ, ବଡନୂଆଗାଁ, ରଟିଣା ଇତ୍ୟାଦି ପଞ୍ଚାୟତର ପ୍ରତ୍ୟେକ ୱାର୍ଡକୁ ଯାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଆଉ ଥରେ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। ଜ୍ୟୋତିପ୍ରକାଶଙ୍କ ସହ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ, କୁପାରୀ ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ, ସମିତି ସଭ୍ୟା, ସୁନିତା ସାହୁ, ୱାର୍ଡ ସଭ୍ୟା ମାଳତୀ ରାଉତ, ମାଣିକ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ବିଜେଡିର ନିର୍ବାଚନୀ ସଭା

ରେମୁଣା,୧୦।୪(ଡି.ଏନ.ଏ.): ବାଲେଶ୍ୱର ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀରେ ୯ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ପ୍ରାର୍ଥୀପତ୍ର ଯାଞ୍ଚ କାର୍ଯ୍ୟକ୍ରମ ବୁଧବାର ଶେଷ ହୋଇଛି। ବିଜେଡି ପ୍ରାର୍ଥୀ ସୁଧାଂଶୁ ଶେଖର ପରିଡ଼ା ମୁଖୁରା ପଞ୍ଚାୟତ ବାସୁଖୁଣ୍ଟା ଗ୍ରାମର ମା' ପରମବୈଷ୍ଣବୀ ଠାକୁରାଣୀଙ୍କ ପୀଠରୁ ନିଜର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଆୟୋଜିତ ସଭାରେ ବିଜେଡି ଜିଲା ସମ୍ପାଦକ ପ୍ରଭାତ କୁମାର ବିଶ୍ୱାଳ ସଭାପତିତ୍ୱ କରି ବିଜେଡି ଦଳର ୧୯ବର୍ଷ ଶାସନରେ ଲୋକମାନଙ୍କ ପାଇଁ କରାଯାଇଥିବା ଜନହିତକର ଯୋଜନା ଏବଂ ଓଡ଼ିଶାବାସୀଙ୍କୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା ସମ୍ପର୍କରେ ଉତ୍‌ଥାପନ କରି ଦଳକୁ ମଜଭୁତ କରିବା ସହ ସେମାନଙ୍କର ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ବହୁମାତ୍ରାରେ ଭୋଟ୍ ଦେଇ ବିଜୟୀ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକ ଅଜୟ କୁମାର ନାୟକ, ବ୍ଲକ କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ ନାୟକ, ବ୍ଲକ ଉପସଭାପତି ମନୋରଞ୍ଜନ ରାଉତ, ସରପଞ୍ଚ ଷ୍ଟାଲିନ୍ ମିଶ୍ର, ସମିତିସଭ୍ୟ ରୂପେଶ ଜେନା ପ୍ରମୁଖ ଉପସ୍ଥିତ ଥିବା ଲୋକମାନଙ୍କୁ ବିଜେଡିର ସଫଳତା ବିଷୟରେ ବକ୍ତବ୍ୟ ରଖି ଦଳକୁ ଭୋଟ୍ ଦେବା ପାଇଁ ପ୍ରଚାର କରିଥିଲେ। ସଭାରେ ୩ହଜାରରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିବାକୁ ନେଇ ପ୍ରଥମଥର ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସୁଧାଂଶୁ ପରିଡ଼ା ରେମୁଣାବାସୀଙ୍କ ସେବାରେ ନିୟୋଜିତ କରିବା ପାଇଁ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ।





ନିର୍ବାଚନୀ ସଭାରେ ଉପସ୍ଥିତ ଅତିଥି।

## ଚିଙ୍ଗୁଡ଼ି ଘେରିକୁ କେନ୍ଦ୍ର କରି ଉତ୍ତେଜନା

# ଅବରୋଧ ପରେ ଖୋଲିଦେଲେ ରାସ୍ତା

ବାହାନଗା,୧୦।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ଖରାସାହାପୁର ପଞ୍ଚାୟତର ବାଉଁଶଆଡିଆ ଗ୍ରାମର ୨୧ ନମ୍ବର ୱାର୍ଡ ଓ ରାମତାଳିଆଡିଆ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ସ୍ଥାନୀୟ ଚିଙ୍ଗୁଡି ଘେରୀ ଯୋଗୁଁ ଶୋଚନୀୟ ହୋଇ ପଡିଛି। ସେଥିପାଇଁ ବୁଧବାର ଗ୍ରାମର ଛାତ୍ରୀଛାତ୍ର ଓ ମହିଳା ମାନେ ବାଉଁଶ ଆଡିଆ ପଞ୍ଚୁବିଷା ଫୁଟ୍ ବ୍ରିଜ୍ ନିକଟସ୍ଥ ରାସ୍ତାକୁ ଅବରୋଧ କରିବା ସହିତ ମହିଳା ମାନେ ସେହି ରାସ୍ତାକୁ ଖୋଳି ଦେଇଛନ୍ତି। ତେବେ ସ୍ଥାନୀୟ ପୂର୍ବତନ ସରପଞ୍ଚ ଛାତ୍ରୀଛାତ୍ର ଓ ମହିଳା ମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ପଥର କଣ୍ଟା ଆଦି ବିଛାଇ ରାସ୍ତାକୁ ଖୋଳି ନାଳ କରିପକାଇଛନ୍ତି। ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ରହିବା ସହିତ ନିର୍ବାଚନ ନିମନ୍ତେ କୌଣସି ରାଜନୈତିକ ପ୍ରଚାର ଗାଡିକୁ ଛଡ଼ାଯିବ ନାହିଁ ବୋଲି ସେମାନେ ପ୍ରକାଶ କରିଥିଲେ।



ଗ୍ରାମର ଉତ୍ତ୍ୟକ୍ତ ଗ୍ରାମବାସୀ, ଛାତ୍ରୀଛାତ୍ରଙ୍କ ଦ୍ୱାରା ରାସ୍ତା ଅବରୋଧ।

ବାଉଁଶଆଡିଆ ଅଞ୍ଚଳର ରାସ୍ତା କଡରେ ହଜାର ହଜାର ହେକ୍ଟର ଉପରେ ଚିଙ୍ଗୁଡି ଘେରୀ ଗଢିଉଠିଛି। ଫଳରେ ସେହି ରାସ୍ତାଟି ମାଟି ରାସ୍ତା ହୋଇ ଥିବାରୁ ଚିଙ୍ଗୁଡି ଘେରୀରୁ କଢାଯାଉ ଥିବା ମାଟି ରାସ୍ତାର ଦୁଇ କଡରେ ପକାଇ ଉଚ୍ଚା ହୋଇଯିବାରୁ ବର୍ଷା ହେବା ଫଳରେ ରାସ୍ତା ଉପରୁ ପାଣି ବାହାରକୁ ନିଷ୍କାସନ ହୋଇପାରୁ ନାହିଁ। ରାସ୍ତାରେ ପାଣି ଜମିରହିବା ଯୋଗୁଁ କାଦୁଅ ହୋଇ ଯାଉଛି। ଯାହାକି ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସେହି ରାସ୍ତାରେ ଯିବା ଆସିବା କରିବା ନିମନ୍ତେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। କେବଳ ସେହି ଗୋଟିଏ ବିଦ୍ୟାଳୟର ଛାତ୍ରୀଛାତ୍ର ନୁହନ୍ତି ଅଭଣା ବିଦ୍ୟାଳୟ ଓ ଅଭଣା ସ୍ଥିତ ବେଳାଭୂମି ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ର ମାନେ ସମାନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବାଉଁଶଆଡ଼ିଆ ଗ୍ରାମର ବବିତା ଦାସ କହିଛନ୍ତି, ଦୀର୍ଘ ୫୦ ବର୍ଷ ଧରି ରାସ୍ତା କାମ ହୋଇପାରୁ ନାହିଁ। ସମସ୍ତେ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ ସରିଗଲା ପରେ କୌଣସି କାମ କରାଯାଉନାହିଁ। ତୁରନ୍ତ ଏହି ରାସ୍ତାର ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହେଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ। -ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଅବକାରୀ ଚଢ଼ାଉ:ମଦ ଜବତ, ୩ ଗିରଫ

ବନ୍ତ, ୧୦।୪ (ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ୩ଟି ସ୍ଥାନରେ ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୦ ଲିଟର ଦେଶୀମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଳତିରା ଗ୍ରାମର ବିଦ୍ୟାଧର ସାମଲ, ଗଭରପୁରର ପ୍ରଭାତ ବିଶ୍ୱାଳ ଓ ଶାସନ ଗ୍ରାମର ମିନି ମୁଣ୍ଡା ବୋଲି ଜଣାଯାଇଛି। ଏ ନେଇ ଥାନାରେ ୩ଟି ମାମଲା ରୁଜୁ କରାଯାଇଛି।

### ବ୍ଲକସ୍ତରୀୟ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ

ଭଣ୍ଡାରିପୋଖରୀ, ୧୦।୪ (ଡି.ଏନ.ଏ.): ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲଠାରେ ଉଜ୍ଜ୍ୱଳ ଓ ଉତ୍‌ଥାନ ସମ୍ପର୍କିତ ଦକ୍ଷତା ବିକାଶ ପାଇଁ ପ୍ରଧାନ ଶିକ୍ଷକ ଓ ବରିଷ୍ଠ ଶିକ୍ଷକଙ୍କୁ ନେଇ ବ୍ଲକସ୍ତରୀୟ ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମ ବିଇଓ ଦୀପକ କୁମାର ପାଢ଼ୀଙ୍କ ଆବାହକତ୍ୱରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବରିଷ୍ଠ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଥିଲେ। ଏବିଇଓ ଅଭିମନ୍ୟୁ ପ୍ରଧାନ, ଧୀରେନ୍ଦ୍ର ନାଥ ଦାଶ, କୁଳମଣି ପତି, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ରମାକାନ୍ତ ଲେଙ୍କା ପ୍ରମୁଖ ଯୋଗଦେଇ ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ଉଜ୍ଜ୍ୱଳ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ଉତ୍‌ଥାନ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଲୋଚନା କରିଥିଲେ। ଶିକ୍ଷକ ସମ୍ବିତ ମିଶ୍ର, ଆନନ୍ଦ ପାଢ଼ୀ, ଗଦାଧର ବାରିକ, ଧନେଶ୍ୱର ସାହୁ ପ୍ରମୁଖ ଛାତ୍ରୀଛାତ୍ର କିପରି ଭାଷା, ଗଣିତ ଓ ଇଂଲିଶରେ ସର୍ବନିମ୍ନ ଶ୍ରେଣୀଭିତ୍ତିକ ଦକ୍ଷତା ହାସଲ କରିପାରିବେ ସେନେଇ ସବିଶେଷ ଆଲୋଚନା କରିଥିଲେ। ଅନୁପସ୍ଥିତ ରହୁଥିବା ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ, ବହୁମୁଖୀ କାର୍ଯ୍ୟଫର୍ଦ୍ଦର ବ୍ୟବହାର ଓ ବିଭିନ୍ନସ୍ତରୀୟ ସଂଯୋଗୀକରଣ ଶିକ୍ଷଣ କାର୍ଯ୍ୟ ସମ୍ପାଦନା କରିବା ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଶିକ୍ଷଣ ଅଭିବୃଦ୍ଧି କାର୍ଯ୍ୟକ୍ରମର ସଫଳତା ପାଇଁ ବିଇଓ ପାଢ଼ୀ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ସିଆର୍‌ସିସି କୈଳାସ ସାମଲ, ଗୌରାଙ୍ଗ ନାଥ, ଉମାକାନ୍ତ ସାହୁ, ପୁଷ୍ପକ ଭାରତୀ, ଝୁନୁରାଣୀ ସ୍ୱାଇଁ, କମଳା ଜେନା, ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଧଳ, ସୀତାରାମ ଦାସ, ଜୟନ୍ତ ସାହୁ, ଶ୍ରୀନିବାସ ପାଲ ଓ ନିରଞ୍ଜନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାସୁଦେବପୁର, ୧୦।୪ (ଡି.ଏନ.ଏ.): ବାସୁଦେବପୁର ବ୍ଲକର ସାନକୃଷ୍ଣପୁର ଭଞ୍ଜସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ସେଠୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଇଓ ରବୀନ୍ଦ୍ର ନାରାୟଣ ମଲ୍ଲିକ ଯୋଗ ଦେଇ ଶିକ୍ଷାଦାନରେ ବ୍ରତୀ ଥିବା ଶିକ୍ଷକଙ୍କର କେବେ ଅବସର ନ ଥାଏ ବୋଲି କହିଥିଲେ। ଶିକ୍ଷକମାନେ ସମାଜର ମେରୁଦଣ୍ଡ ହୋଇଥିବା ବେଳେ ସମାଜ ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ବିଇଓ ଗଙ୍ଗାଧର ପରିଡା, ରମାକାନ୍ତ ପାଢ଼ୀ, ସରପଞ୍ଚ ଗଦାଧର ନାୟକ, ଜିପିଇଓ ଅଶୋକ କୁମାର ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସିଆର୍‌ସିସି ଗଜେନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସଭାରେ ବିଦାୟୀ ପ୍ରଧାନ ଶିକ୍ଷକ ସେଠୀ ତାଙ୍କ ବକ୍ତବ୍ୟ ରଖିଥିଲେ। କେକେଜିପି ହାଇସ୍କୁଲ ପ୍ରଧାନ ଶିକ୍ଷକ ତପନ କୁମାର ଦାଶ ସଭାରେ ପୌରୋହିତ୍ୟ କରିଥିଲେ। ଛାତ୍ରୀଛାତ୍ର, ସ୍କୁଲ କମିଟି ପକ୍ଷରୁ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆର୍‌ସିସି ସନାତନ ପଢ଼ିଆରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିଛି ଅନୁଦାନ, ହୋଇପାରୁନି ବିନିଯୋଗ

ତିହିଡ଼ି, ୧୦।୪ (ଡି.ଏନ.ଏ.)



ଛତ୍ରପଦା ଗ୍ରାମସ୍ଥିତ ମା' ପାଟଣମଙ୍ଗଳାଙ୍କ ମନ୍ଦିର।

- ପର୍ଯ୍ୟଟନ ସ୍ଥଳ ମାନ୍ୟତାକୁ ୨ବର୍ଷ ପୂରିଲା
- କାମ ନ ହୋଇ ପଡ଼ି ରହିଛି ୭୦ ଲକ୍ଷ
- ହୋଇପାରୁନି ମଙ୍ଗଳା ପୋଖରୀ ସଂସ୍କାର, ଯାତ୍ରୀ ନିବାସ ନିର୍ମାଣ

ଆଉ ଦିନ କେଇଟା ପରେ ଆରମ୍ଭ ହେବ ମା' ପାଟଣ ମଙ୍ଗଳାଙ୍କ ପଣାସଂକ୍ରାନ୍ତି ଯାତ୍ରା। ୭ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରାରେ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତେବେ ପର୍ଯ୍ୟଟନ ସ୍ଥଳ ମାନ୍ୟତା ପାଇବାର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ହୋଇପାରି ନାହିଁ। ଫଳରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଶ୍ରଦ୍ଧାଳୁମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ସରକାରଙ୍କ ପକ୍ଷରୁ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ବର୍ଷେ ହେଲା ୭୦ ଲକ୍ଷ ଟଙ୍କା ଅନୁଦାନ ମିଳିଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗର ଅବହେଳାରୁ ଏହା ବିନିଯୋଗ ହୋଇପାରି ନ ଥିବା ଅଭିଯୋଗ ହୋଇଛି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ଛତ୍ରପଦା ଗ୍ରାମରେ ଥିବା ମା' ପାଟଣମଙ୍ଗଳାଙ୍କ ମନ୍ଦିର ଅବହେଳିତ ହେବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ମା' ପାଟଣମଙ୍ଗଳାଙ୍କ ସହ ଗ୍ରାମରେ ଶହେ ଶିବଲିଙ୍ଗ ପୂଜା ପାଉଛନ୍ତି। ପୀଠ ନିକଟରେ ଥିବା ୭ ଏକର ପରିମିତ ମଙ୍ଗଳା ପୋଖରୀ ପୋତି ହୋଇପଡ଼ିଥିଲେ ମଧ୍ୟ ଏହାକୁ ସଂସ୍କାର କରାଯାଉ ନାହିଁ। ଦୂରଦୂରାନ୍ତରୁ ମା'ଙ୍କୁ ଦର୍ଶନ କରିବା ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କ ବିଶ୍ରାମ ପାଇଁ ଏଠାରେ ଯାତ୍ରୀନିବାସ ତ ଦୂରର କଥା ଚାଳଛପର ନିର୍ମିତ ବିଶ୍ରାମାଗାର ମଧ୍ୟ ନାହିଁ। ଏପରିକି ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ପର୍ଯ୍ୟାପ୍ତ ନୁହେଁ। ଯେଉଁଥିପାଇଁ ଯାତ୍ରୀମାନେ ବିଭିନ୍ନ ସମୟରେ ଅସୁବିଧା ଭୋଗୁଛନ୍ତି।

ଉଲ୍ଲେଖନୀୟ ଯେ, ପଣାସଂକ୍ରାନ୍ତିର ପୂର୍ବ ରାତିରେ ମାନସିକ କରିଥିବା ୫ ହଜାରରୁ ଊର୍ଦ୍ଧ୍ୱ ପାଟୁଆ ମା'ଙ୍କ ନିକଟରେ ଦୀପ ଜାଳି ଉଜାଗର ରହିଥାନ୍ତି। ପରଦିନ ଭୋରୁ ମା'ଙ୍କ ବେଢ଼ାକୁ ଲାଗିକରି ଥିବା ୭ ଏକର ପରିମିତ ବିରାଟ ପୋଖରୀରେ ସ୍ନାନ କରି ପାଟୁଆଯାତ୍ରା ଆରମ୍ଭ କରନ୍ତି। ପାଟୁଆମାନଙ୍କର ଏହି ସ୍ନାନ ପର୍ବ ଦେଖିବା ପାଇଁ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମେ। ମା'ଙ୍କ ନିକଟରେ ଦୀପଦାନ କଲେ ମାନସିକ ପୂର୍ଣ୍ଣ ହୋଇଥାଏ ବୋଲି ଜନବିଶ୍ୱାସ ରହିଛି। ମନ୍ଦିରର ଗର୍ଭଗୃହରେ ୩ ଫୁଟ୍ ଉଚ୍ଚର କଳା ମୁଗୁନି ପଥରରେ ନିର୍ମିତ ଚତୁର୍ଭୁଜା ଦେବୀ ମା' ମଙ୍ଗଳାଙ୍କ ମୂର୍ତ୍ତି ପୂଜା ପାଉଛି। ଏହି ପୀଠର ପାରିପାର୍ଶ୍ୱିକ ଉନ୍ନତି କରାଗଲେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରିବ ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ ବଂଶୀଧର ଭୋଇ, ଅଶୋକ ବିଶ୍ୱାଳ, ବାବାଜି ପଣ୍ଡା, ପ୍ରେମାନନ୍ଦ ପଣ୍ଡା, ଅମୂଲ୍ୟ ବାରିକ, ରମାକାନ୍ତ ଲେଙ୍କା, ମହେନ୍ଦ୍ର ପଣ୍ଡା, ସତ୍ୟାନନ୍ଦ ଧଳ ଓ ରତ୍ନାକର ନାୟକ ପ୍ରମୁଖ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ଶଶାଙ୍କ ଶେଖର ରଥଙ୍କୁ ପଚାରିବାରୁ କହିଛନ୍ତି, ଏହି ମନ୍ଦିର ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ଅନୁଦାନ ମିଳିଥିବା ବିଷୟରେ ସେ ଅବଗତ ନାହାନ୍ତି। ତେବେ ପୀଠର ବିକାଶ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ବୈଠକରେ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା କର୍ମକର୍ତ୍ତା।

■ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବୈଠକ

## ବିକଳ୍ପ ପଦକ୍ଷେପ ନେବାକୁ ଚେତାବନୀ

ଭଦ୍ରକ ଅଫିସ, ୧୦।୪

ଭଦ୍ରକ ମୋଟେଲ ଛକସ୍ଥିତ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା କାର୍ଯ୍ୟାଳୟ ପରିସରରେ ବୁଧବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧର ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଚଳିତ ନିର୍ବାଚନ ସମ୍ପର୍କିତ ବିଭିନ୍ନ ଆଲୋଚନା କରାଯାଇଥିଲା। ଦଳୀୟ ପ୍ରାର୍ଥୀମାନଙ୍କୁ କିଭଳି ନିର୍ବାଚିତ କରାଯିବ ସେନେଇ ରଣକୌଶଳ ବୈଠକରେ ସ୍ଥିର କରାଯାଇଥିଲା। କିନ୍ତୁ ଭଦ୍ରକ ଲୋକସଭା ଆସନର ଦଳୀୟ ପ୍ରାର୍ଥୀ ଅନୁସୂଚିତ ଜାତି ମୋର୍ଚ୍ଚା କର୍ତ୍ତୃପକ୍ଷଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରି ବୈଠକରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଯଦି ଆଗାମୀ ୩ଦିନ ମଧ୍ୟରେ ଦଳୀୟ ଅନୁସୂଚିତ ଜାତି ମୋର୍ଚ୍ଚାର ସହଯୋଗ ଲୋଡ଼ା ନ ଯାଏ ତେବେ ପରବର୍ତ୍ତୀ ବିକଳ୍ପ ପଦକ୍ଷେପ ନିଆଯିବାକୁ ସର୍ବସମ୍ମତିକ୍ରମେ ସ୍ଥିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଶରତ କୁମାର ଜେନା, ସାଧାରଣ ସମ୍ପାଦକ ଚକ୍ରଧର ସେଠୀ ଓ ରମାକାନ୍ତ ସେଠୀ, ମଣ୍ଡଳ ସଭାପତି ସୁରେଶ ଚନ୍ଦ୍ର ଦାସ ଏବଂ ୩୧ଟି ମଣ୍ଡଳର ସଭାପତି ଓ ସାଧାରଣ ସମ୍ପାଦକ ବୈଠକରେ ଉପସ୍ଥିତ ଥିଲେ।

## 'ଛାତ୍ରୀଛାତ୍ର ପଠନାଭ୍ୟାସ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ'



ସ୍କୁଲ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ତିହିଡ଼ି, ୧୦।୪ (ଡି.ଏନ.ଏ.)

ତିହିଡ଼ି ବ୍ଲକ ସୟା ପଞ୍ଚାୟତ ବାଲିଚନ୍ଦ୍ରରୀ ଉନ୍ନୀତ ମଧ୍ୟଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୟା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରଭାସ କୁମାର ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଯୋଗଦେଇ ସୂଚନାଭିତ୍ତିକ ଅଧ୍ୟୟନ ପରିବର୍ତ୍ତେ ପଠନାଭ୍ୟାସ ପ୍ରତି ଛାତ୍ରୀଛାତ୍ର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ତ୍ରିପାଠୀ ଓ ଅନୀଲ କୁମାର ନାୟକ, ସରପଞ୍ଚ କବିତା ମଲିକ, ସମିତିସଭ୍ୟ ହେମନ୍ତ କୁମାର ମଲିକ, ଜି.ସି. ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ଜୟକୃଷ୍ଣ ସେଠୀ ଓ ଗାଳ୍ପିକ କୈଳାସ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ଗିରି ଅତିଥି ପରିଚୟ ଓ ପ୍ରଧାନ ଶିକ୍ଷକ ଲାଲମୋହନ ସିଂ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ସାହୁ ଓ ଦଶରଥ ମଲ୍ଲିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଶ୍ରୀନାଥ ମଲ୍ଲିକ, ପ୍ରଦୀପ ନାୟକ, ଜ୍ଞାନରଞ୍ଜନ ଦାସ, ରାମପ୍ରସାଦ ବାରିକ, ନରେନ୍ଦ୍ର ପ୍ରସାଦ ନାୟକ, ରଘୁନାଥ ନାୟକ ଓ ଶିକ୍ଷୟିତ୍ରୀ ସରିତା ମହାପାତ୍ର, ପାର୍ବତୀ ନାୟକ, ମଞ୍ଜୁଲତା ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଞ୍ଜୀବ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଛାତ୍ରୀ ଗୁରୁତର

ପଦ୍ମପୁର, ୧୦।୪ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ରାଜଘରପୋଖରୀ ପଞ୍ଚାୟତ କୁରୁବାଟିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ୨ୟ ଶ୍ରେଣୀ ଛାତ୍ରୀ ବୁଧବାର ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଛାତ୍ରୀ ସମୀକ୍ଷା ଦଳେଇ। ବିଦ୍ୟାଳୟ ଛୁଟି ପରେ ସେ ଘରକୁ ଫେରୁଥିବା ବେଳେ ରାଜଘରପୋଖରୀରୁ କରଞ୍ଜଆଡ଼ିଆ ଯାଉଥିବା ଏକ ବାଇକ୍ କୁରୁବାଟିଆ ଛକ ନିକଟରେ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସର୍ବନିମ୍ନ ଦକ୍ଷତା ଶିକ୍ଷଣ କର୍ମଶାଳା

ଧାମନଗର, ୧୦।୪ (ଡି.ଏନ.ଏ.)

ରାଜ୍ୟ ଗଣଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ୨୦୧୯ ଶିକ୍ଷାବର୍ଷ ପାଇଁ ସର୍ବନିମ୍ନ ଦକ୍ଷତା ହାସଲ ନିମନ୍ତେ ଶିକ୍ଷଣ କର୍ମଶାଳା ଆରମ୍ଭ ହୋଇଛି। ଆସନ୍ତା ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟରେ କୌଣସି ସିଲାବସ୍ ପାଠ ପଢ଼ା ନ ଯାଇ କର୍ମଶାଳା ମାଧ୍ୟମରେ ଶିକ୍ଷାଦାନ କରାଯିବ। ଧାମନଗର ବ୍ଲକର ଡିହ ଭଟସାହି ବିଦ୍ୟାଳୟରେ ନଦୀଗାଁ କ୍ଲଷ୍ଟରର ସିଆର୍‌ସିସି ସଞ୍ଜୟ କୁମାର ବିନ୍ଧାଣୀ କର୍ମଶାଳାର ସଂଯୋଜନା କରିଛନ୍ତି। ସୂତ୍ର ଏବଂ ଚିତ୍ର ମାଧ୍ୟମରେ ଅନୁକରଣ ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ମିଶ୍ର, ଶିକ୍ଷକ ଶୁକଦେବ ତରାଇ, ରମାକାନ୍ତ ବେହେରା, ଶିକ୍ଷୟିତ୍ରୀ ଇତିଶ୍ରୀ ପାଣିଗ୍ରାହୀ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଇଓ ପବିତ୍ର ମୋହନ ବାରିକଙ୍କ ତତ୍ତ୍ୱାବଧାନରେ ଏବିଇଓ ଶ୍ରୀଚରଣ ମଲ୍ଲିକ ବିଭିନ୍ନ ବିଦ୍ୟାଳୟରେ ପହଞ୍ଚି କାର୍ଯ୍ୟକ୍ରମର ତଦାରଖ କରିଛନ୍ତି। ବ୍ଲକର ୧୭ କ୍ଲଷ୍ଟରରେ ସିଆର୍‌ସିସିମାନେ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## 'ଶେଷ ଚଇତିର ଦୁଃଖ' ଲୋକାର୍ପିତ

ଭଣ୍ଡାରିପୋଖରୀ, ୧୦।୪ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ରାଜେନ୍ଦ୍ରପୁରସ୍ଥିତ ସୀତାଭବନଠାରେ ସମାଜସେବୀ ସ୍ୱର୍ଗତ ପ୍ରାଣକୃଷ୍ଣ ଦାସଙ୍କ ୧ମ ବାର୍ଷିକ ଶ୍ରାଦ୍ଧୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ମରଣିକା 'ଶେଷ ଚଇତିର ଦୁଃଖ' ଲୋକାର୍ପଣ କରାଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଲକ୍ଷ୍ମୀଧର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବି ଗୋଲକ ପ୍ରସାଦ ମହାନ୍ତି, ଗୟାଧର ସାମଲ, ପ୍ରେମାନନ୍ଦ ନାୟକ, ଘନଶ୍ୟାମ ସ୍ୱାଇଁ, ଡା.ନିରଞ୍ଜନ ଓଝା, ପଣ୍ଡିତ ରମାକାନ୍ତ ଜେନା, ପୁରୁଷୋତ୍ତମ ଧଳ, ନାରାୟଣ ଚନ୍ଦ୍ର ବାରିକ, ନିତ୍ୟାନନ୍ଦ ଦାସ, ବିକାଶ ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଶ୍ରାଦ୍ଧୋତ୍ସବ ଅବସରରେ ଅସହାୟ ବ୍ୟକ୍ତିଙ୍କୁ ବସ୍ତ୍ରଦାନ କରାଯାଇଥିଲା। ଅରୁଣ ଦାସ, ରମେଶ ଦାସ, ଚନ୍ଦନ ପ୍ରସାଦ ଦାସ, ପ୍ରତାପ ଦାସ, ସବିତା ମହାପାତ୍ର, ମମତା ଦାସ, ସ୍ୱାଗତିକା ଦାସ, ଦାମୋଦର ମହାନ୍ତି ଓ ଯଶୋଦା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁବ୍ରତ ଦାସ ଧନ୍ୟବାଦ ଦେଇଥିଲେ।





ସଭାରେ ଅତିଥିମାନେ ସ୍ମରଣିକା 'ଶେଷ ଚଇତିର ଦୁଃଖ'କୁ ଲୋକାର୍ପଣ କରୁଛନ୍ତି।

## ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର ୧୦।୪ (ସ୍ୱ.ପ୍ର.)

ସ୍ଥାନୀୟ ସିଟିଜି ଫାଉଣ୍ଡେଶନ ଦ୍ୱାରା ପରିଚାଳିତ କେଉଁଝର ଡିଗ୍ରୀ କଲେଜର ଯୁକ୍ତ ୩ ବାଣିଜ୍ୟ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବୁଧବାର ଏହି ଅବସରରେ ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସଙ୍ଗଠନର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଲେଇ ଯୋଗଦେଇ କଲେଜର ବିଦାୟୀ ନେଉଥିବା ପ୍ରଥମ ବ୍ୟାଚର ପିଲାମାନଙ୍କୁ ସମ୍ବର୍ଦ୍ଧନା ଦେଇ ସେମାନଙ୍କ ସଫଳ ଓ ଭଲ ମଣିଷ ହୋଇ ଦେଶଗଠନରେ ସହାୟକ ହେବ କାମନା କରିଥିଲେ। ଅଧ୍ୟାପକ ଧର୍ମେନ୍ଦ୍ର ସାହୁ ସେମାନଙ୍କୁ କ୍ୟାରିଅର ଗଠନର ମନ୍ତ୍ର ଦେଇଥିଲେ। ଅଧ୍ୟାପିକା ଦୀପା ଶଙ୍କର ଧନ୍ୟବାଦ ଦେଇଥିଲେ।

## ନିର୍ବାଚନୀ ଖର୍ଚ୍ଚ ଉପରେ ନଜର

କେନ୍ଦୁଝର, ୧୦।୪(ସ୍ୱ.ପ୍ର.)

ସାଧାରଣ ନିର୍ବାଚନ-୨୦୧୯ ପରିପ୍ରେକ୍ଷୀରେ ପ୍ରାର୍ଥୀ, ଏଜେଣ୍ଟଙ୍କୁ ନିର୍ବାଚନୀ ଖର୍ଚ୍ଚ ପରିଚାଳନା ସମ୍ପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ମଙ୍ଗଳବାର ଜିଲା ନିର୍ବାଚନ ଅଧିକାରୀ ତଥା କେନ୍ଦୁଝର ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଲୋକସଭା ନିର୍ବାଚନମଣ୍ଡଳୀ ପାଇଁ ନିୟୋଜିତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଡି. ଲାପ୍ଚା, ଆନନ୍ଦପୁର, ଘସିପୁରା, ତେଲକୋଇ ଓ କରିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିୟୋଜିତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଆଇ. ଜମିର ଏବଂ ପାଟଣା, ଚମ୍ପୁଆ ଓ କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିୟୋଜିତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମନିଷ୍ ବୈଠକରେ ଯୋଗଦେଇ ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ଖର୍ଚ୍ଚ ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଲୋକସଭା ପାଇଁ ପ୍ରାର୍ଥୀ ୭୦ ଲକ୍ଷ ଟଙ୍କା ଏବଂ ବିଧାନସଭା ପାଇଁ ପ୍ରାର୍ଥୀ ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ମନୋନୟନ ପତ୍ର ଦାଖଲ ଦିନଠାରୁ ନିର୍ବାଚନ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ଖର୍ଚ୍ଚ ରେଜିଷ୍ଟରରେ ଦୈନନ୍ଦିନ ଖର୍ଚ୍ଚ ବିବରଣୀ ଉଲ୍ଲେଖ କରିବେ। ଜିଲା ନିର୍ବାଚନ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକମାନେ କହିଥିଲେ ଯେ, ପ୍ରାର୍ଥୀଙ୍କର ନର୍ବାଚନୀ ଖର୍ଚ୍ଚ ଉପରେ ନଜର ରଖାଯାଇଛି। ପ୍ରାର୍ଥୀ, ଏଜେଣ୍ଟମାନେ ଠିକ୍ ଭାବେ ଉଦ୍ଦିଷ୍ଟ ରେଜିଷ୍ଟରରେ ଟିକିନିକି ଖର୍ଚ୍ଚ ବିବରଣୀ ଉଲ୍ଲେଖ କରିବାକୁ ସୂଚନା ଦେଇଥିଲେ। ପ୍ରାର୍ଥୀମାନେ ଗାଡି ବ୍ୟବହାର ପାଇଁ ରିଟର୍ଣ୍ଣିଂ ଅଫିସରଙ୍କଠାରୁ, ମାଇକ୍ ବ୍ୟବହାର ପାଇଁ ଉପଜିଲାପାଳଙ୍କଠାରୁ ଏବଂ ସଭାସମିତି ଓ ଶୋଭାଯାତ୍ରା ପାଇଁ ଥାନା ଅଧିକାରୀଙ୍କଠାରୁ ଅନୁମତି ଆଣିବାକୁ ସୂଚନା ଦିଆଯାଇଛି।

## ବାଟ ବଳାଣି, ନୂଆଁଖାଇ ପର୍ବ

ତେଲକୋଇ, ୧୦।୪(ଡି.ଏନ.ଏ.)

ତେଲକୋଇ ଅଞ୍ଚଳରେ ନିଆରା ପରମ୍ପରା ବାଟବଳାଣି ଓ ନୂଆଁଖାଇ ପର୍ବ ଆରମ୍ଭ ହୋଇଛି। ବିଭିନ୍ନ ଗ୍ରାମରେ ଚୈତ୍ର ଶେଷ ମଙ୍ଗଳବାର ବାଟବଳାଣି କରାଯାଇଛି। ଏଥିପାଇଁ ଗ୍ରାମର ଗ୍ରାମଦେବତୀ ପାଖରେ ପୂଜାର୍ଚ୍ଚନା କରାଯାଇ ମାନସିକ ଅନୁଯାଇ କୁକୁଡ଼ା, ବୋଦା (ଛେଳି) ବଳି ଦିଆଯାଏ ବୋଲି ଲୋକେ କହିଛନ୍ତି। ଉକ୍ତ ବଳି (ଭୋଗ)କୁ ଗ୍ରାମବାସୀ ନଦୀ କୂଳ କିମ୍ବା ପୋଖରୀ ଅଞ୍ଚଳକୁ ନେଇ ଆସି ରୋଷେଇ କରି ଖାଇଥାନ୍ତି। ଏହି ଭୋଗ ଘରକୁ ନିଆଯାଏ ନାହିଁ। ଏହି ଭୋଗକୁ ମହିଳା ସାମିଲ ହେବା ବାରଣ ରହିଛି। ସାମାକୋଇ ନଦୀ ଅବବାହିକା ଅଞ୍ଚଳରେ ପ୍ରତି ଗ୍ରାମରେ ପାଳନ କରାଯାଉଛି। ଅନ୍ୟ ଗ୍ରାମ ଗୁଡ଼ିକରେ ପୋଖରୀ କୂଳରେ ପର୍ବ ପାଳନ କରାଯାଉଛି।

## ପ୍ରଚାର ମଇଦାନରେ ପ୍ରାର୍ଥୀ

ଆନନ୍ଦପୁର, ୧୦।୪(ସ୍ୱ.ପ୍ର.)

ସାଧାରଣ ନିର୍ବାଚନରେ ବିଜୟୀ ହେବା ପାଇଁ ସବୁ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଆରମ୍ଭ ହୋଇଛି ଜୋରଦାର ଉଦ୍ୟମ। କେଉଁ ପ୍ରାର୍ଥୀ ଖର୍ଚ୍ଚ କାଟ ପାଇଁ ଗାଁ ଗାଁ ବୋଲି ନିରାଡମ୍ବର ପୂର୍ଣ୍ଣ ବୈଠକରେ ଭୋଟ ଭିକ୍ଷା କରୁଛନ୍ତି ତ ଆଉ କିଏ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ଚାକଚକ୍ୟ ସଭାରେ ନିଜର ଦଳର ଚିହ୍ନକୁ ଭୋଟ ପାଇଁ ନିବେଦନ କରୁଛନ୍ତି। ଏଥିପାଇଁ ଉଭୟ ଘସିପୁରା ଓ ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ରାଜନୈତିକ ମାହୋଲ ସରଗରମ ହେବାରେ ଲାଗିଛି। ଘସିପୁରା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଅଞ୍ଚଳର ବିଭିନ୍ନ ଗ୍ରାମର ବୈଠକରେ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇ ଭୋଟ ଭିକ୍ଷା କରୁଛନ୍ତି। ଆନନ୍ଦପୁର ବିଜେଡି ବିଧାକୟ ପ୍ରାର୍ଥୀ ଭାଗୀରଥି ସେଠୀ ମଧ୍ୟ ବିଭିନ୍ନ ସ୍ଥାନରେ କର୍ମୀମାନଙ୍କ ବୈଠକରେ ଯୋଗଦେଇ ନିର୍ବାଚନ ବୈତରଣୀ ପାର ହେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

ଆନନ୍ଦପୁର ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବା ଦେଖାଯାଇଛି। ଅନୁରୂପ ଭାବେ ଘସିପୁରାରେ ପୃଥ୍ୱୀରାଜ କୁଅଁର ନିଜ ସପକ୍ଷରେ ଭୋଟ ପାଇଁ ଲୋକଙ୍କ ଦ୍ୱାରସ୍ଥ ହେଉଛନ୍ତି। ଆନନ୍ଦପୁର କଂଗ୍ରେସ ପ୍ରାର୍ଥୀ ଜୟଦେବ ଯେନା ରାତି ଦିନ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ନିକଟତର ହୋଇ ଭୋଟ ସଂଗ୍ରହରେ ଲାଗିପଡିଛନ୍ତି। ଘସିପୁରାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ନିର୍ବାଚନ ପ୍ରଚାର ପ୍ରକ୍ରିୟାରେ ସାମିଲ ହୋଇ ନ ଥିଲେ ମଧ୍ୟ ଦଳୀୟ କାର୍ଯ୍ୟକାରୀ ସଭାପତି ରତିକାନ୍ତ ରାଉତ ବିଭିନ୍ନ ଅଞ୍ଚଳ ଗସ୍ତ କରି ଭୋଟ ହାତେଇବାକୁ ଉଦ୍ୟମ କରୁଛନ୍ତି।



ପ୍ରଚାର କରୁଛନ୍ତି ବିଧାୟକ ପ୍ରାର୍ଥୀ।

# ଜାତୀୟ ରାଜପଥରେ ଖାଲ ସାଜୁଛି ବିପଦ

ଆରଡି, ୧୦।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଆରଡ଼ି ଫାଣ୍ଡି ନିକଟରେ ୨୦ ନମ୍ବର ଜାତୀୟ ରାଜପଥରେ ଏକ ବିରାଟ ଖାଲ ହୋଇଛି। ଏହା ଲୋକଙ୍କ ପାଇଁ ବିପଦ ସାଜୁଛି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ଯୋଗୁ ସାଧାରଣ ଲୋକେ ବିପଦ ମୁହଁରେ ପଡୁଛନ୍ତି। ବର୍ଷେରୁ ଊର୍ଦ୍ଧ୍ୱ ଦିନ ଧରି ଏହି ଖାଲ ହୋଇଥିବା ବେଳେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି।

ବାଇକ୍ ଆରୋହୀମାନେ ଏହି ଖାଲରେ ପଡ଼ିଯାଇ ଆହତ ହୋଇଥିବାର ନଜିର ରହିଛି। ଏଥିସହିତ ବଡ଼ ଯାନ ମଧ୍ୟ ଏଠାରେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହିଛି। ଖାଲ ହୋଇଥିବା ସ୍ଥାନ ତଳେ ଥିବା ହୋମ୍‌ପାଇପ ଫାଟିଯାଇଛି। ରାସ୍ତା ଖୋଳି ପାଇପ୍ ବାହାର କରି ସେହି ସ୍ଥାନରେ ନୂତନ କଲଭର୍ଟ ନିର୍ମାଣ କରାଗଲେ ସ୍ଥାୟୀ ସମାଧାନ ହୋଇପାରନ୍ତା ବୋଲି ସ୍ଥାନୀୟ କେତେକ ଅଧିବାସୀ ମତ ପ୍ରକାଶ କରିଛନ୍ତି। ଫାଣ୍ଡି ଅଧିକାରୀଙ୍କ ସମେତ ସ୍ଥାନୀୟ ଅଧିବାସୀ ବହୁବାର ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଏଯାଏ ମରାମତି କାମ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ମହାଶିବରାତ୍ରି ଓ ଶ୍ରାବଣୀ ମହୋତ୍ସବ ପୂର୍ବରୁ ଜିଲା ପ୍ରଶାସନ ତତ୍ପର ହୋଇ ଖାଲ ହୋଇଥିବା ସ୍ଥାନରେ ମୋରମ ପକାଇ କାମ ଚଳାଇ ନିଅନ୍ତି। ପରେ ରାସ୍ତା ଅବସ୍ଥା ଯେମିତି ସେମିତି ରହିଥାଏ। ରାସ୍ତା ମରାମତି ନ ହେବା ସମ୍ପର୍କରେ ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ କହନ୍ତି, ଏ ବିଷୟରେ ଫାଣ୍ଡି ପକ୍ଷରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ଅସ୍ଥାୟୀ ଭାବେ ଏହାକୁ ମରାମତି କରିବାକୁ ସେ ରାଜି ଅଛନ୍ତି। ତେବେ ନିକଟରେ ମରାମତି କାମ ଆରମ୍ଭ ହେବ ବୋଲି କନିଷ୍ଠ ଯନ୍ତ୍ରୀ କହିଛନ୍ତି। ବିଭାଗୀୟ ପାଣିକୋଇଲି ଡିଭିଜନର କନିଷ୍ଠ ଯନ୍ତ୍ରୀ ଶୁଭସ୍ମିତା ପାଣି କହିଛନ୍ତି, ଖାଲ ହୋଇଥିବା ସ୍ଥାନରେ ଏବେ କଲଭର୍ଟ କରିବା ସମ୍ଭବ ନୁହେଁ। ଏନେଇ ପ୍ରସ୍ତାବ ଦିଆଯାଇ କାର୍ଯ୍ୟ ଆରମ୍ଭ ହେବା ସମୟ ସାପେକ୍ଷ। ଏବେ ଅସ୍ଥାୟୀ ରୂପେ ଉକ୍ତ ସ୍ଥାନର ମରାମତି କରାଯିବ। ସପ୍ତାହକ ମଧ୍ୟରେ ଏହାର ସମାଧାନ ହୋଇଯାଇପାରେ ବୋଲି ସେ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଏପ୍ରିଲ୍ ୧୧/୨୦୧୯ Balasore, Thursday, April 11/ 2019

## ସଂକ୍ଷେପରେ



### ୨ ନବଜାତ ଶିଶୁକନ୍ୟା ଉଦ୍ଧାର

ସୋର/ ବାସୁଦେବପୁର, ୧୦ା୪ (ଡି.ଏନ.ଏ.)- କନ୍ୟା ସନ୍ତାନଙ୍କ ସୁରକ୍ଷା ଲାଗି ସରକାର ବିଭିନ୍ନ ପ୍ରକାର ଯୋଜନା କରୁଥିବାବେଳେ ଏପର୍ଯ୍ୟନ୍ତ ସେଥିରେ ସଫଳ ହୋଇପାରି ନାହାନ୍ତି। ସୋର ଥାନା ଅଧୀନ ଅନନ୍ତପୁର ବାସୁଦେବପୁର-ଗୁଡ଼ ରାସ୍ତା କଡ଼ରେ ଦୁଇ ନବଜାତ ଶିଶୁକନ୍ୟା କାନ୍ଦୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ଗୁଡ଼ ଗ୍ରାମର ଉଦ୍ଧବ ନାୟକ ନାମକ ଜଣେ ବ୍ୟକ୍ତି ରାସ୍ତାରେ ଯାଉଥିବାବେଳେ କାନ୍ଦ ଶୁଭିବା ସ୍ଥାନରେ ପହଞ୍ଚିଥିଲେ। ସେଠାରେ ଦୁଇ ଶିଶୁକନ୍ୟାଙ୍କୁ ଦେଖି ଉଭୟଙ୍କୁ ଘରକୁ ନେଇ ଆସିଥିଲେ। ତେବେ ଦୁଇ ଶିଶୁ କନ୍ୟାଙ୍କୁ କିଏ ଏପରି ନିର୍ଜନ ସ୍ଥାନରେ ପକାଇ ଦେଇଛି ଏଥିନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଶିଶୁ ଦୁହିଁଙ୍କୁ ଦେଖିବା ପାଇଁ ଉଦ୍ଧବଙ୍କ ଘରେ ପ୍ରବଳ ଭିଡ଼ ଜମିଛି।

### ୪ ଲକ୍ଷ ୧୦ ହଜାର ଟଙ୍କା ଜବତ

ତିହିଡ଼ି, ୧୦ା୪ (ଡି.ଏନ.ଏ.)- ଭଦ୍ରକ-ଚାନ୍ଦବାଲି ରାସ୍ତାର ବିନ୍ଧା ବଜାର ନିକଟରୁ ବୁଧବାର ପୂର୍ବାହ୍ନରେ ଏକ ବାଇକ୍ ଡିକିରୁ ୪ ଲକ୍ଷ ୧୦ ହଜାର ଟଙ୍କା ତିହିଡ଼ି ଥାନା ପୋଲିସ ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଘଣ୍ଟେଶ୍ୱର ଅଞ୍ଚଳର ନୂଆସାହି ଗ୍ରାମର ଜଣେ ଯୁବକ ବାଇକ୍‌ରେ ଭଦ୍ରକ ଆଡ଼କୁ ଯାଉଥିଲେ। ବିନ୍ଧା ବଜାର ନିକଟରେ ପୋଲିସ ସନ୍ଦେହ କରି ତାଙ୍କ ବାଇକ୍ ଯାଞ୍ଚ କରିବାରୁ ଡିକିରୁ ଏହି ଟଙ୍କା ବାହାରିଥିଲା। ପୋଲିସ ଜବତ ଟଙ୍କାକୁ ଜିଲାପାଳଙ୍କ ନିକଟରେ ଦାଖଲ କରିଛି।

### ପୋଲିସର ଫ୍ଲାଗ ମାର୍ଚ୍ଚ

ବଡ଼ବିଲ, ୧୦ା୪(ସ୍ୱ.ପ୍ର.)- ବଡ଼ବିଲ ଥାନା ସହରାଞ୍ଚଳ ତଥା ତଳି ଅଞ୍ଚଳରେ ପୋଲିସ ପକ୍ଷରୁ ଲଗାତର ଫ୍ଲାଗ ମାର୍ଚ୍ଚ ଜାରି ରହିଛି। ଆଗାମୀ ସାଧାରଣ ନିର୍ବାଚନ ପରିଚାଳନାରେ ପୋଲିସ ପ୍ରଶାସନ ସଜାଗ ହୋଇ ବିଭିନ୍ନ ପଦକ୍ଷେପ ନେଉଛି। ବଡବିଲ ଥାନା ପୋଲିସ ଗତ ମଙ୍ଗଳବାର ଠାରୁ ଲଗାତର ସହର ତଥା ସହର ତଳି ଅଞ୍ଚଳରେ ୧ ପ୍ଲାଟୁନ ଓ ଏସଏପି ଯବାନଙ୍କୁ ନେଇ ଫ୍ଲାଗ ମାର୍ଚ୍ଚ ଜାରି ରଖିଥିବା ଜଣାପଡିଛି। ବଡବିଲ ଥାନାର ପୋଲିସ ଅଫିସର ମେରୀ କେର୍କେଟା, ବୁଧୁରାମ ସୋଏ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସହ ଓଏସଏପି ଯବାନଙ୍କୁ ନେଇ ବଡବିଲ ଥାନା ଆଇଆଇସି ସୁଶାନ୍ତ କୁମାର ଦାଶ ସୋମବାର ସ୍ଥାନୀୟ ସହରାଞ୍ଚଳ, ମଙ୍ଗଳବାର ଭଦ୍ରାସାହି ଓ ବୁଧବାର ଠାକୁରାଣୀ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରିଥିବା ଜଣାପଡିଛି।

# ଜାପାନୀ ଜ୍ୱର ନେଲା ୩ ଜୀବନ

ପାଟଣା, ୧୦ା୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ପଲାଣି ଘାଟି ପାତାସାହି ଏବଂ ଘଟଗାଁ ବ୍ଲକ ଦାଣ୍ଡିପଶି ଗ୍ରାମରେ ଗତ ବୁଧବାର ଓ ଗୁରୁବାର ଜାପାନୀ ଜ୍ୱର (ଏନ୍‌ସେଫାଲାଇଟ୍ସ)ରେ ୩ ଶିଶୁଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ଦାଣ୍ଡିପଶି ଗ୍ରାମର ବାସିନ୍ଦା ପାତା ସାହିରେ ଘର ଜ୍ୱାଇଁ ଭାବେ ରହୁଥିବା ମୁକୁନ୍ଦ ନାଏକଙ୍କ ଦୁଇ ପୁଅ ଡମ୍ବରୁଧର(୧୧), ଧର୍ମେନ୍ଦ୍ର(୬) ଏବଂ ମୁକୁନ୍ଦଙ୍କ ବଡ଼ଭାଇ କୁମ୍ଭକର୍ଣ୍ଣଙ୍କ ପୁଅ ମନୋଜ(୧୩)। ଉଭୟ ଗ୍ରାମର ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ମୁକୁନ୍ଦ ଦୁଇପୁଅ ମୂଳ ଗାଁ ଦାଣ୍ଡିପଶି ଯାଇଥିବାବେଳେ ଗତ ମଙ୍ଗଳବାର ଧର୍ମେନ୍ଦ୍ରଙ୍କର ବାନ୍ତି ହେବା ସହ ଚେତା ହରାଇବସି ଥିଲେ। ସେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଗତ ବୁଧବାର ଅପରାହ୍ନରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ବୁଧବାର ରାତିରେ ଗୁରୁତର ହୋଇ ଡମ୍ବରୁଧର କେନ୍ଦୁଝର ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେହିଦିନ ଚିକିତ୍ସାଧୀନ ଅବସ୍ଥାରେ ବମ୍ବରୁଧରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ କୁମ୍ଭକର୍ଣ୍ଣ ଭୟଭୀତ ହୋଇ ତାଙ୍କର ପୁଅ ମନୋଜଙ୍କୁ ମାମୁ ଘର ପାଟଣା ବ୍ଲକ ମାଧପୁରକୁ ପଠାଇ ଦେଇଥିଲେ। ମାତ୍ର ମନୋଜ ଗତ ବୁଧବାର ମାମୁ ଘରେ ଗୁରୁତର ହୋଇ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ମନୋଜଙ୍କୁ ପାଟଣାରୁ କେନ୍ଦୁଝର ପରେ କେନ୍ଦୁଝରରୁ କଟକ ବଡଡ଼ାକ୍ତର ଖାନା ସ୍ଥାନାନ୍ତର କରାଯାଇ ଥିଲେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି।



ପାଟଣା ବ୍ଲକ ପଲାଣି ଘାଟି ଗ୍ରାମରେ ଡାକ୍ତରୀ ଦଳ।

ଏଡିଏମଓ ଡା. ସୁଧାଂଶୁଶେଖର ବଳଙ୍କ ନେତୃତ୍ୱରେ ଡା. ମୁକ୍ତିକାନ୍ତ ନାୟକ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁପ୍ରକାଶ ଶତପଥୀ, ଡା. ଶୁଭେନ୍ଦୁ ସାଗର ନାଏକ ଓ ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ ପ୍ରମୁଖ ପଲାଣୀ ଘାଟି ଗ୍ରାମ ପରିଦର୍ଶନ କରିଥିଲେ। ୨୨ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ପଜେଟିଭି ବାହାରିଛି। ମୃତକ ମନୋଜଙ୍କର ଜାପାନୀ ଜ୍ୱର (ଏନ୍‌ସେଫାଲାଇଟ୍ସ) ମୃତ୍ୟୁ ହୋଇଥିବା ଡା. ସୁପ୍ରକାଶ ଶତପଥୀ କହିଛନ୍ତି। ଉଭୟ ଗ୍ରାମରେ ଡିଡିଟି ସିଞ୍ଚନ ଓ ମାଗଣା ମଶାରି ଯୋଗାଇ ଦିଆଯାଇଛି। ୭ ଦିନ ପାଇଁ ଉକ୍ତ ଗ୍ରାମରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବାର କର୍ମଚାରୀଙ୍କୁ ନିୟୋଜନ କରାଯାଇଛି। ସୂଚନାଯୋଗ୍ୟ, ୨୦୧୩ ଓ ୧୬ରେ ଅନୁରୂପ ଭାବେ ପାଟଣା ମୁଖ୍ୟାଳୟ ନିକଟ ସ୍ୱାମ ମୁଣ୍ଡାସାହିରେ ଯଥାକ୍ରମେ ୩ ଓ ୫ ଶିଶୁଙ୍କର ମୃତ୍ୟୁ ଘଟିଥିଲା।

## ଜ୍ୱାଇଁଙ୍କ ଠେଙ୍ଗା ମାଡ଼ରେ କକା ଶ୍ୱଶୁରଙ୍କ ମୃତ୍ୟୁ

ଯୋଡ଼ା, ୧୦ା୪(ଡି.ଏନ.ଏ.)

ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କୁଲଡୁମ ଗ୍ରାମରେ ପାରିବାରିକ କଳହ ଉଗ୍ର ରୂପ ନେଇଛି। ଜ୍ୱାଇଁର ଠେଙ୍ଗା ମାଡ଼ରେ କକା ଶ୍ୱଶୁରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ତବଗା ମୁଣ୍ଡା। ଏହି ଘଟଣାରେ ହତ୍ୟାକାରୀ ଜ୍ୱାଇଁ ପବିତ୍ର ମୁଣ୍ଡାଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। ଏକ ଠେଙ୍ଗାକୁ ପୋଲିସ ଜବତ କରିଛି। ଏହି ଘଟଣା ଗତ ତା ୩୧।୦୩।୧୯ରିଖ ରାତିରେ ଘଟିଛି। ତବଗା ଏବଂ ତାଙ୍କ ଜ୍ୱାଇଁ ପବିତ୍ର ମୁଣ୍ଡାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏ ନେଇ ପବିତ୍ର ଉତ୍କ୍ଷିପ୍ତ ହୋଇ ତାଙ୍କ କକା ଶ୍ୱଶୁର ତବଗାଙ୍କ ଉପରେ ଠେଙ୍ଗାରେ ଆକ୍ରମଣ କରିଥିଲେ। ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ମୃତ୍ୟୁ ଘଟିଥିଲା। ତବଗାଙ୍କ ପୁତ୍ର ସୁନା ମୁଣ୍ଡା ଏ ନେଇ ବିଲେଇପଦା ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଥିଲେ ବୋଲି ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ କହିଛନ୍ତି।

## ୫ ବଖରା ପୋଡ଼ିଗଲା

ହାଟଡ଼ିହୀ, ୧୦ା୪(ଡି.ଏନ.ଏ.)

ହାଟଡ଼ିହୀ ବ୍ଲକ ଅକରୁଆ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ ବଖରା ଘର ପାଉଁଶ ହୋଇଯାଇଛି। ଅଗ୍ନିକାଣ୍ଡର ଠିକ କାରଣ ଜଣାପଡ଼ିନାହିଁ। ଗ୍ରାମର ଉତ୍ତମ ଜେନା, ଦେବ କୁମାର ଜେନା ଓ ଅଶୋକ କୁମାର ଜେନା କ୍ଷତିଗ୍ରସ୍ତ ହୋଇଛନ୍ତି। ୭ ଛେଳି ଓ ଗୋଟିଏ ଗୋରୁର ମୃତ୍ୟୁ ଘଟିଛି। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ଧାନ, ଚାଉଳ, ଆସବାବପତ୍ର ପୋଡି ହୋଇଯାଇଛି। ସ୍ଥାନୀୟ ଆର୍‌ଆଇ କ୍ଷୟକ୍ଷତିର ଆକଳନ କରିଛନ୍ତି। ସରପଞ୍ଚ କୌଶଲ୍ୟା ସେଠୀ ବିପନ୍ନଙ୍କୁ ଖାଦ୍ୟବସ୍ତ୍ର ଓ ଆର୍ଥିକ ସହୟତା ପ୍ରଦାନ କରିଛନ୍ତି। ଅଗ୍ନିବିପନ୍ନଙ୍କୁ ସରକାରୀ ଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

■ ଅବକାରୀ ଗୋଇନ୍ଦା ବିଭାଗର ଚଢ଼ାଉ

## ଅଭିଯୁକ୍ତ ମହିଳାଙ୍କୁ ଛଡ଼ାଇ ନେଲେ



ଥାନା ପରିସରରେ ମୋବାଇଲ ସ୍କ୍ୱାଡର ଅଧିକାରୀ।

ରୂପ୍‌ସା, ୧୦ା୪(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଥାନା ଆଘିରିଆ ଗ୍ରାମରେ ବୁଧବାର ଅବକାରୀ ବିଭାଗ ତରଫରୁ ଅଚାନକ ଚଢ଼ାଉ କରାଯାଇଛି। ଗଞ୍ଜେଇ ବ୍ୟବସାୟ କରୁଥିବା ଜଣେ ମହିଳାଙ୍କ ଘରୁ ପ୍ରାୟ ୭୦କେଜି ଗଞ୍ଜେଇ ଜବତ ହୋଇଥିଲା। ଜବତ ଗଞ୍ଜେଇ ଓ ଗିରଫ ମହିଳାଙ୍କୁ ନେଇ ବିଭାଗୀୟ ଅଧିକାରୀ ସେଠାରେ ଫେରୁଥିବା ବେଳେ ଗ୍ରାମବାସୀଙ୍କ ଆକ୍ରମଣର ଶିକାର ହୋଇଥିବା ଜଣାପଡ଼ିଛି। ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ଆକ୍ରମଣ କରି ଜବତ ଗଞ୍ଜେଇ ସହ ଅଭିଯୁକ୍ତ ମହିଳାଙ୍କୁ ସେମାନେ ଛଡ଼ାଇ ନେଇଛନ୍ତି। ଫଳରେ ଶିଶୁପାଳ ହୋଇ ଚଢ଼ାଉରେ ସାମିଲ ଅଧିକାରୀଙ୍କୁ ଫେରିବାକୁ ପଡ଼ିଥିବାବେଳେ ଆକ୍ରମଣରେ ଜଣେ କନଷ୍ଟେବଳ ଓ ଡ୍ରାଇଭର ଆହତ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ରୂପ୍‌ସା ଥାନାରେ ଏକ ମାମଲା (ନଂ. ୨୧/୧୯) ରୁଜୁ କରି ଥାନା ଅଧିକାରୀ ସୁଚନ୍ଦ୍ର ମହାଳିକ ତଦନ୍ତ ଜାରି ରଖିଛନ୍ତି।

ଏଠାରେ ଚୋରା ଗଞ୍ଜେଇ ବ୍ୟବସାୟ ହେଉଥିବା ନେଇ ଗୋଇନ୍ଦା ବିଭାଗ ପାଖରେ ଖବର ଥିଲା। କଟକ ଗୋଇନ୍ଦା ବିଭାଗ (ୟୁନିଟ୍-୨) ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ ଓ ଗାଲୁରାମ ସୋରେନ, ବାଲେଶ୍ୱର ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର କୁମାର ଭୋତ୍ରା, ଜିଲା ମୋବାଇଲ ସ୍କ୍ୱାଡ ଇନ୍ସପେକ୍ଟର ଉଦେଲାଲ ନାୟକ, ଇନ୍ସପେକ୍ଟର ସିଦ୍ଧେଶ୍ୱର ବେଶ୍ରା, ସଦର ରେଞ୍ଜ ଉପନିରୀକ୍ଷକ ଅର୍ଜୁନ କୁମାର ମଲିକ ପ୍ରମୁଖ ମିଳିତ ଚଢ଼ାଉ କରିଥିଲେ। ମାତ୍ର ଉତ୍ତେଜନା ମୂଳକ ପରିସ୍ଥିତି ଯୋଗୁଁ ଅଧିକାରୀଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା। ଇନ୍ସପେକ୍ଟର ଉଦେଲାଲ ନାୟକ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଗଛ ପଡ଼ି ଯୁବକଙ୍କ ପ୍ରାଣ ଗଲା

ରୂପ୍‌ସା, ୧୦ା୪(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅନ୍ତର୍ଗତ ପନ୍ତା ଗ୍ରାମର ଜଣେ ଯୁବକଙ୍କ ଉପରେ ଗଛ ପଡ଼ିବାରୁ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସେକ ନୁରୁଦ୍ଦିନଙ୍କ ପୁଅ ସେକ୍ ତାଜୁଦ୍ଦିନ (୩୦)। ତାଙ୍କ ଘର ନିକଟରେ କେତେକ ଗଛ କଟାଳୀ ଏକ ଗଛ କାଟୁଥିଲେ। ଅସାବଧାନତାବଶତଃ ତାଜୁଦ୍ଦିନଙ୍କ ଉପରେ ଗଛଟି ପଡ଼ିଥିବା ଯୋଗୁ ତାଙ୍କ ମୁଣ୍ଡ ଫାଟି ଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଫାଣ୍ଡି ଅଧିକାରୀ ଭାଦ ମାଝି ପହଞ୍ଚି ମୃତଦେହ ଜବତ କରିଥିଲେ।

## ଥାନା ଘେରିଲେ ମହିଳା

ହାଟଡିହୀ, ୧୦ା୪(ଡି.ଏନ.ଏ.)

ଜଣେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ନନ୍ଦିପଦା ଗ୍ରାମର ମହିଳା ନନ୍ଦିପଦା ଥାନା ଘେରାଉ କରିଛନ୍ତି। ଥାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏକ ଘଟଣାକୁ ନେଇ ୧୦ରୁ ୧୨ ଜଣ ଲୋକ ଗଜେନ୍ଦ୍ର ଦାଶ ନାମକ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଗଜେନ୍ଦ୍ରଙ୍କ ମା' ମାଳତୀ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। କେହି ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ମହିଳାମାନେ ଥାନା ଘେରାଉ କରିଥିଲେ। ପୋଲିସ ଜଣଙ୍କୁ ଅଟକ ରଖି ଅନ୍ୟ ଅଭିଯୁକ୍ତ ଉପରେ ନଜର ରଖିଥିବା ଜଣାଯାଇଛି।

# ମୁଣ୍ଡରେ ମାଠିଆ ଧରି ବିକ୍ଷୋଭ



ପଞ୍ଚାୟତ କାର୍ଯ୍ୟାଳୟରେ ମହିଳାମାନେ ବିକ୍ଷୋଭ କରୁଛନ୍ତି।

ତେଲକୋଇ, ୧୦ା୪(ଡି.ଏନ.ଏ.)

**ଅଭିନବ ପ୍ରତିବାଦ**

- ■ପୁରୁଜୋଡ଼ା ପଞ୍ଚାୟତରେ ପାନୀୟଜଳ ସମସ୍ୟା
- ■ଶତାଧିକ ମହିଳା କାର୍ଯ୍ୟାଳୟ ଘେରିଲେ

ତେଲକୋଇ ଅଞ୍ଚଳରେ ପାନୀୟଜଳ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ବୁଧବାର ପୁରୁଜୋଡ଼ା ପଞ୍ଚାୟତ ଅଧୀନ ପୁରୁଣା ସାହି, ମହାନ୍ତ ସାହି, ନୂଆଁ ସାହି, ମଇଁସା ସାହି, ପେଚା ମୋଣ୍ଡେଇ ସାହି ଓ ଗୋପାଳ ସାହି , ହାଇସ୍କୁଲ ସାହିର ଶତାଧିକ ମହିଳା ପଞ୍ଚାୟତ ଘେରାଓ କରିଥିଲେ। ଅଭିନବ ଉପାୟରେ ପ୍ରତିବାଦ କରିଥିଲେ। ମୁଣ୍ଡରେ ମାଠିଆ ଧରି ମହିଳାମାନେ ବିକ୍ଷୋଭ କରିଥିଲେ। ସମସ୍ୟା ଯୋଗୁ ରାମିଳ ନଦୀରୁ ପାନୀୟଜଳ ସଂଗ୍ରହ କରାଯାଉଛି।

ଅନ୍ୟପକ୍ଷରେ ଉକ୍ତ ପଞ୍ଚାୟତ ମୁଖ୍ୟାଳୟରେ ଏକ ବର୍ଷ ହେବ କୋଟିଏ ଟଙ୍କା ବିନିମୟରେ ଏକ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇଥିଲେ ହେଁ ଅଦ୍ୟାବଧି ପାନୀୟଜଳ ଯୋଗାଣ ହୋଇପାରୁନି। ପଞ୍ଚାୟତ କାର୍ଯ୍ୟାଳୟକୁ ଘେରାଓ କରିବା ସହିତ ତୁରନ୍ତ ପାନୀୟଜଳ ଯୋଗାଣ ନ ହେଲେ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିବା ମହିଳାମାନେ ପ୍ରକାଶ କରିଛନ୍ତି। ଜିଲାପାଳ ଓ ଜଳ ଯୋଗାଣ ବିଭାଗକୁ କହି ବିଫଳ ହେବା ପରେ ବାଧହୋଇ ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ କରାଯାଇଛି। ଗ୍ରାମସେବକ ଯୋଗେଶ୍ୱର ନାୟକଙ୍କୁ ପଚାରିବାରୁ ପାଣି ସମସ୍ୟା ରହିଥିବା ଯୋଗୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ କରାଯିବ। ଏଥିପାଇଁ ବିଡିଓଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଏହି ଆନ୍ଦୋଳନରେ ପୂର୍ବତନ ସମିତିସଭ୍ୟ ବଳଭଦ୍ର ବେହେରା, ଗ୍ରାମ ସଭାପତି ମହେଶ୍ୱର ନାଏକ, ୪ନଂ ୱାର୍ଡମେମ୍ବର ରଞ୍ଜନୀ ନାୟକ, ୬ନଂ ସୁଭଦ୍ରା ପାତ୍ର, ନାଏବ ସରପଞ୍ଚ ଅନୁସୟା ମହାନ୍ତ ସମେତ ରଶ୍ମୀତା ନାଏକ, ତାରାମଣୀ ନାୟକ, ଶ୍ରୀମତୀ ଦଣ୍ଡପାଟ, ସ୍ୱାତୀ ମୁଣ୍ଡା, କଳ୍ପନା ପାତ୍ର ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ।

# କେନାଲ ଉନ୍ନତୀକରଣରେ ଅନିୟମିତତା

ଝୁମ୍ପୁରା, ୧୦ା୪(ଡି.ଏନ.ଏ.)



ନିର୍ମାଣାଧୀନ କେନାଲ।

ଝୁମ୍ପୁରା ଏବଂ ସଦର ବ୍ଲକର ଜଗଦଳା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପର କେନାଲ ଉନ୍ନତୀକରଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଚାଷୀଙ୍କ ପାଇଁ ଜଳସେଚନର ଜୀବନ ରେଖା ହେଉଛି ଜଗଦଳା କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ। ଝୁମ୍ପୁରା ବ୍ଲକ ଅନ୍ତର୍ଗତ ମଲଦା ପଞ୍ଚାୟତରେ ରହିଛି ଏହି ପ୍ରକଳ୍ପ। ପ୍ରକଳ୍ପ ଆରମ୍ଭ ହେବାର କିଛିବର୍ଷ ପରେ ମୁଖ୍ୟ କେନାଲ ସହ ଶାଖା କେନାଲ ଗୁଡିକର ବନ୍ଧ ଧସିଯିବା, କେନାଲ ପୋତିହୋଇ ପଡିବା, କେନାଲ ଲାଇନରେ ଥିବା କୂଅଗୁଡିକ ଧସିଯିବା, ପୋତି ହୋଇଯିବା ନେଇ ଚାଷୀ ସମୂହ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଚାଷୀଙ୍କ ଦାବି ସତ୍ତ୍ୱେ କେନାଲ ଗୁଡିକର ଉନ୍ନତୀକରଣ ପାଇଁ ଜିଲା ଖଣିଜ ପାଣ୍ଠିରୁ କ୍ଷୁଦ୍ର ଜଳସେଚନ ବିଭାଗକୁ ଟଙ୍କା ଯୋଗାଇ ଦିଆଗଲା। ଏଷ୍ଟିମେଟ ଅନୁଯାୟୀ ବ୍ୟୟ ଅଟକଳ ରହିଲା ୩ କୋଟି ୩୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା। କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ଟେଣ୍ଡର କରାଯାଇ କାମ ମଧ୍ୟ ଚାଲିଲା। କେନାଲ ଉନ୍ନତୀକରଣର କଂକ୍ରିଟ କାମ ଠିକ ଭାବେ ହୋଇ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି।

କେନାଲର କଂକ୍ରିଟ ବେଡ କାମ ଠିକ୍ ଭାବେ ହେଉ ନ ଥିବା ବେଳେ ବହୁ ପୁରୁଣା କାମରେ କେବଳ ସିମେଣ୍ଟ ପ୍ୟାଚ ପକାଇ ଛାଡି ଦିଆଯାଉଛି। କେନାଲ ଲାଇନରେ ଥିବା କୂଅଗୁଡିକ ନୂତନ ଭାବେ ନିର୍ମାଣ ହେବାକୁ କୁହାଯାଉଥିବା ବେଳେ ତାହା ଭୁଶୁଡି ପଡିଥିବା ପୁରୁଣା କାମକୁ ନ ଭାଙ୍ଗି ତା' ଉପରେ କେବଳ ସିମେଣ୍ଟ ପ୍ଲାଷ୍ଟର କରି ଦିଆଯାଉଛି। ଏ ନେଇ କାମର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଂକ୍ରିଟ କାମ ଗୁଡିକରେ ପାଣି ଦିଆଯାଉନାହିଁ। ସୂଚନା ଫଳକର ତଥ୍ୟ ଅନୁଯାୟୀ କାର୍ଯ୍ୟାରମ୍ଭ ତା ୦୫।୦୧।୨୦୧୮ ରିଖ ଏବଂ କାର୍ଯ୍ୟଶେଷ ତା୦୪।୧୨।୨୦୧୮ରିଖ ରହିଥିଲା।

- ■ଏଷ୍ଟିମେଟ ଅନୁସାରେ ହେଉନି କାମ
- ■ନିର୍ମାଣ ଅବଧି ଶେଷ, ସରିନି କାମ
- ■ତରବରିଆ କାର୍ଯ୍ୟ ସାରିବାକୁ ପ୍ରୟାସ

ବର୍ତ୍ତମାନ ପର୍ଯ୍ୟନ୍ତ କେନାଲ ଉନ୍ନତୀକରଣ କାମ ୫୦ ପ୍ରତିଶତ ହୋଇପାରିଛି। ନିର୍ମାଣ ଅବଧି ସରିଯାଇଥିବାରୁ ଠିକାଦାର ଯେଣତେଣ ପ୍ରକାରେ କାମ ସାରିଦେବାକୁ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟ ପକ୍ଷରେ କାମ ନିମ୍ନମାନର ହେଉଥିବା ବେଳେ ଦାୟିତ୍ୱରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀଙ୍କର ସବୁ ସମୟରେ ଅନୁପସ୍ଥିତ ଥିବା ଦେଖାଯାଉଛି। ଜିଲା ଖଣିଜ ପାଣ୍ଠିର ଲୁଟ୍ ଚାଲିଥିବା ଅଭିଯୋଗ ହେଉଛି। ଏ ନେଇ ଦାୟିତ୍ୱରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗର ଯନ୍ତ୍ରୀ ଦିବ୍ୟସିଂହ ପ୍ରଧାନ କୌଣସି ମତାମତ ଦେବାକୁ ମନା କରିଥିଲେ। କେନ୍ଦୁଝରସ୍ଥିତ କ୍ଷୁଦ୍ର ଜଳ ସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଧାକର ବେହେରାଙ୍କୁ ପଚାରିବାରୁ କ'ଣ ହୋଇଛି ବୁଝୁଛି ବୋଲି କହିଥିଲେ।

# ପ୍ରଶାସନର ସହଯୋଗ ବିନା ପାଳିତ ହେବ ଚୈତ୍ର ପର୍ବ

ବାରିପଦା ଅଫିସ, ୧୦ା୪

- ■ପରମ୍ପରା ବଞ୍ଚାଇ ରଖିବାକୁ ଅଣ୍ଟା ଭିଡ଼ିଲେ ଛଉ ପ୍ରେମୀ
- ■ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଆଳରେ ଧରାଛୁଆଁ ଦେଉନି ପ୍ରଶାସନ
- ■୩ ଦିନ ପରିବର୍ତ୍ତେ ଏଥର ପାଳିତ ହେବ ୨ ଦିନ

ମୟୂରଭଞ୍ଜ ଜିଲାରେ କଳା ସଂସ୍କୃତିର ସ୍ୱତନ୍ତ୍ର ବାର୍ତ୍ତାବହନ କରି ଆସୁଥିବା ଚୈତ୍ର ପର୍ବ ଏଥର ପ୍ରଶାସନର ବିନା ସହଯୋଗରେ ପାଳନ କରାଯିବାକୁ ସ୍ଥିର କରାଯାଇଛି। ୩ ଦିନ ପରିବର୍ତ୍ତେ ଆସନ୍ତା ୧୨ ଓ ୧୩ ତାରିଖ ୨ ଦିନ ଏହି ପର୍ବ ପାଳନ କରାଯିବ । ପ୍ରଥମ କରି ଜିଲାର ଛଉ ପ୍ରେମୀମାନଙ୍କ ସହଯୋଗରେ ଏହି ପର୍ବ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି ବୋଲି ଛଉ ନୃତ୍ୟ ଶିଳ୍ପୀ ଲଡୁକେଶ୍ୱର ରଣା ସୂଚନା ଦେଇଛନ୍ତି।

ଉଲେଖନୀୟ ଯେ, ଏଠାରେ ପ୍ରତିବର୍ଷ ଜିଲା ପ୍ରଶାସନର ସହଯୋଗରେ ଚୈତ୍ର ପର୍ବ ପାଳିତ ହୋଇଆସୁଥିଲା। ଚଳିତମାସ ୧୧, ୧୨ ଓ ୧୩ ତାରିଖ ୩ ଦିନ ଧରି ବାରିପଦା ଛଉ ପଡ଼ିଆରେ ପର୍ବ ପାଳନ ଲାଗି ସମୟ ଧାର୍ଯ୍ୟ ହୋଇଥିଲା। ହେଲେ ପ୍ରଶାସନ ପକ୍ଷରୁ ଉକ୍ତ ପର୍ବ ପାଳନ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଦର୍ଶାଇ ଏହାକୁ ପାଳନ ନ କରିବା ସକାଶେ ଡେପୁଟି ଚିଫ୍ ଇଲେକ୍ଟୋରାଲ ଅଫିସର ନିତି ରଞ୍ଜନ ସେନ ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ଜଣାଇଥିଲେ। ଏହାପରଠାରୁ ଜିଲା ପ୍ରଶାସନ ପର୍ବ ପାଳନ ଲାଗି ଆଉ ସହଯୋଗ କରୁନାହିଁ। ଏ ସମ୍ପର୍କରେ ଆପତ୍ତି ଜଣାଇ ନିରାଶ ହେବା ପରେ କଳା ସଂସ୍କୃତିର ସୁରକ୍ଷା ଲାଗି ବିନା ପ୍ରଶାସନ ସହଯୋଗରେ ଚୈତ୍ରପର୍ବ ପାଳନ କରିବାକୁ ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଏବଂ ଦକ୍ଷିଣ ସାହି ଛଉ ମନ୍ଦିର ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି।

ଚୈତ୍ର ପର୍ବ ପାଳନ ବନ୍ଦ ରଖିବା ସକାଶେ ପ୍ରଶାସନ ସମ୍ପୃକ୍ତ ଅନୁଷ୍ଠାନକୁ ପତ୍ର ଲେଖି ଜଣାଇବା ପରେ ବିଭିନ୍ନ ମହଲରେ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉକ୍ତ ନିଷ୍ପତ୍ତିର ପୁନର୍ବିଚାର ଲାଗି ଛଉ ନୃତ୍ୟ ଅନୁଷ୍ଠାନ ଓ କଳାକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା। ୨୦୧୪ ନିର୍ବାଚନ ବେଳେ ଏହି ପର୍ବ ପାଳିତ ହୋଇଥିବାରୁ ଏଥର କାହିଁକି ଅନୁମତି ଦିଆଯିବ ନାହିଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଉଲ୍ଲେଖନୀୟ ଯେ, ଜିଲାର କୌଣସି ନେତୃବୃନ୍ଦ ଏହି ଘଟଣାରେ ଏ ଯାଏ ମୁହଁ ଖୋଲି ନ ଥିବାବେଳେ ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଗତ ଗୁରୁବାର ରାଜ୍ୟ ନିର୍ବାଚନ କମିଶନରଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ଛଉପ୍ରେମୀଙ୍କ ପକ୍ଷରୁ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିରର ସଭାପତି କୃଷ୍ଣଚନ୍ଦ୍ର ଦାସ ଓ ସମ୍ପାଦକ କାର୍ତ୍ତିକେଶ୍ୱର ରଣା ଶୁକ୍ରବାର ନୂଆଦିଲ୍ଲୀର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଇ-ମେଲ ପଠାଇ ଫେରାଦ ହୋଇଥିଲେ । ରାଜ୍ୟ ନିର୍ବାଚନ ଅଧିକାରୀ ଏଯାଏ ଅନୁମତି ଦେଇ ନ ଥିବା ଏବଂ ଜିଲା ପ୍ରଶାସନ ସହଯୋଗ କରୁ ନ ଥିବାରୁ ପର୍ବ ବନ୍ଦ ହେବା ଜିଲାବାସୀଙ୍କ ପରମ୍ପରା ପ୍ରତି କୁଠାରାଘାତ ବୋଲି ବର୍ଣ୍ଣନା କରି ଛଉ ପ୍ରେମୀମାନଙ୍କ ସହଯୋଗରେ ଉକ୍ତ ପର୍ବ ପାଳନ କରାଯିବାକୁ ସ୍ଥିର କରାଯାଇଛି ବୋଲି ନୃତ୍ୟାନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି।

## ଘରେ ପଶି ମହିଳାଙ୍କୁ ଅସଦାଚରଣ

କୁଆମରା, ୧୦ା୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ମାଟିଆଳି ଅଞ୍ଚଳର ଜଣେ ଯୁବକ ରାତି ସମୟରେ ପଡୋଶୀ ଗାଁର ଜଣେ ବିଧବା ମହିଳାଙ୍କ ଘରେ ପଶି ତାଙ୍କୁ ଅସଦାଚରଣ କରିଥିବା ପୋଲିସରେ ଅଭିଯୋଗ ହୋଇଛି। ଏ ନେଇ ୪୫୭, ୩୭୬, ୫୦୬ ଆଇପିସି ଧାରାରେ ପୋଲିସ ଏକ ମାମଲା ( ନଂ. ୩୫/୧୯ ରୁଜୁକରି ତଦନ୍ତ ଚାଲୁ ରଖିଛି। ଅଭିଯୁକ୍ତ ଯୁବକ ଧରାପଡି ନାହିଁ ବୋଲି କୁଳିଅଣା ଥାନା ଅଧିକାରୀ କମଳାକାନ୍ତ ଦାଶ କହିଛନ୍ତି। ମହିଳା ଜଣଙ୍କ ଥାନାକୁ ଆସି ଦେଇଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଶୁକ୍ରବାର ରାତିପ୍ରାୟ ୧୧ ଟା ବେଳେ ସେ ଘରେ ଶୋଇଥିବା ସମୟରେ ଅଭିଯୁକ୍ତ ଯୁବକ ଆସି ଘରେ ପଶିଥିଲେ। ସେ ତାଙ୍କ ବେକରେ ଛୁରି ଲଗାଇ ଅସଦାଚରଣ ଉଦ୍ୟମ କରିଥିଲେ। ମହିଳାଜଣଙ୍କ ବିରୋଧ କରିବାରୁ ଏକଥା କାହା ପାଖରେ କହିଲେ, ସେ ଜୀବନରୁ ମାରି ଦେବେ ବୋଲି ଧମକ ଦେଇଥିଲେ। ମହିଳାଜଣଙ୍କ ପାଟି କରିବାରୁ ପରିବାରର ଅନ୍ୟମାନେ ନିଦରୁ ଉଠି ପଡିଥିଲେ। ଅଭିଯୁକ୍ତ ଯୁବକ ବାଇକରେ ପଳାଇ ଯିବା ବେଳେ ପରିବାରବର୍ଗ ତାଙ୍କୁ ଚିହ୍ନି ପାରିଥିଲେ। ଏ ନେଇ ପରଦିନ ଗାଁରେ ଏକ ସଭା ବସିଥିଲା। ସେହି ସଭାକୁ ଅଭିଯୁକ୍ତ ଯୁବକ କିମ୍ବା ତାଙ୍କ ପରିବାର କେହି ନ ଆସିବାରୁ ପୀଡିତା ମଙ୍ଗଳବାର ଥାନାକୁ ଯାଇ ଏ ସମ୍ପର୍କରେ ଅଭିଯୋଗ କରିଥିବା ପୋଲିସ କହିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ